

# ସାହିତ୍ୟ ଜଗତ ର

## ଅନନ୍ୟ ସାଧକ

## ପ୍ରଫେସର ସୁବାଷ ନାୟକ

# ସାହିତ୍ୟ ଜଗତ ର

# ଅନନ୍ୟ ସାଧକ

# ପ୍ରଫେସର ସୁବାଷ ନାୟକ

ସାହିତ୍ୟ ଜଗତ ର

ଅନନ୍ୟ ସାଧକ

ପ୍ରଫେସର ସୁବାଷ ନାୟକ

ପ୍ରକାଶକ

ଲେଖକ    ପ୍ରଫେସର ଡ଼କ୍ଟର ସୁବାଷ ନାୟକ

ସା - ଶ୍ରୀରାମ ନିବାସ -ପୋ/, ଭୁବନ ଟାଉନ

ଜିଲ୍ଲା -ଢେଙ୍କାନାଳ , ଓଡିଶା

www.professorsubashnayak.com

ପ୍ରକାଶନ କାଳ

ପୁସ୍ତକ ISBN ନମ୍ବର

ସାହିତ୍ୟ ଜଗତ ର

ଅନନ୍ୟ ସାଧକ

ପ୍ରଫେସର ସୁବାଷ ନାୟକ

## ସୂଚୀପତ୍ର

ଉତ୍ସର୍ଗ

ସାଧକ ଙ୍କ କଲମରୁ

ମୁଖବନ୍ଧ (ଓଡ଼ିଆ ସାହିତ୍ୟ ର ସୁଦୀର୍ଘ ପରମ୍ପରା -)

ସୁବାଷ ଙ୍କ ପରିଚୟ

ସୁବାଷ ଜଣେ ଶିକ୍ଷାବିତ ଓ ସାହିତ୍ୟିକ

ସୁବାଷ ଙ୍କ ସାହିତ୍ୟ ସୃଷ୍ଟି

ସାହିତ୍ୟ ଜଗତ ର ଅନନ୍ୟ ସାଧକ

ସାହିତ୍ୟ କୃତି ପାଇଁ ସାଧକ ସଂମ୍ମାନୀତ

ଉପସଂହାର

# ପଥ ପ୍ରଦର୍ଶକ ଙ୍କୁ ଉତ୍ସର୍ଗ



## ଶ୍ରୀ ଯୁଧିଷ୍ଠିର ନାୟକ, ବିଏ, ବି ଏଡ଼
## ଅବସରପ୍ରାପ୍ତ  ପ୍ରଧାନ ଆଚାର୍ଯ୍ୟ
## ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର/
## (ଶିକ୍ଷା ବିକାଶ ସମିତି, ଓଡିଶା)

ମୁଁ ଓଡ଼ିଆ ଭାଷା ଓ ସାହିତ୍ୟ ରେ ଏମ ଏ ଡିଗ୍ରୀ ସମୟ ରେ କଟକ ରେ ପରୀକ୍ଷା ଦେବାପାଇଁ ପ୍ରେରଣା ତଥା କଟକ ସ୍ଥ ଶିଶୁ ମନ୍ଦିର ଆବାସିକ ବାସଭବନ ରେ ମୋତେ ସମସ୍ତ ପ୍ରକାର ର ସହଯୋଗ ଯୋଗାଇ ଦେଇ ଓଡ଼ିଆ ସାହିତ୍ୟ ର ଅଧ୍ୟାପକ ଓ ସାହିତ୍ୟିକ କରିବା ରେ ଯାହାଙ୍କ ର ପ୍ରଚ୍ଛନ୍ନ ହାତ ରହିଅଛି ସେ ମୋ ମା ଭାରତୀ ଦେବୀ ଙ୍କ ବଡ଼ ନାନୀ ମୋ ମାଉସୀ ସ୍ୱର୍ଗତା ଗେଡି ନାୟକ ଙ୍କ ସୁପୁତ୍ର ମୋ ଭାଇ ଶ୍ରୀ ଯୁଧିଷ୍ଠିର ନାୟକ (ତ୍ରରେ ବିଶେଷଦୀର୍ଘ ଚାଳିଶ ବର୍ଷ କାଳ ଓଡିଶା ର ଶିକ୍ଷା କ୍ଷେତଃ ସରସ୍ୱତୀ ଶିଶୁ ମନ୍ଦିର ରେ ଯୋଗଦାନ ର ଉଜ୍ଜ୍ୱଳ ବ୍ୟକ୍ତିତ୍ୱ) ଙ୍କୁ ମୁଁ ସାଦରେ ଉତ୍ସର୍ଗ କରୁଅଛି "ସାହିତ୍ୟ ଜଗତ ର ଅନନ୍ୟ ସାଧକ ପ୍ରଫେସର ସୁବାଷ ନାୟକ" ମୋର ଏହି ସୃଷ୍ଟି ସମ୍ଭାର ମାନସ ସନ୍ତାନ।



(ପ୍ରଫେସର ଡ଼କ୍ଟର ସୁବାଷ ନାୟକ)



## ସାଧକ ଙ୍କ କଲମ ରୁ........

ଆମ ଓଡ଼ିଆ ଏକ ଶାସ୍ତ୍ରୀୟ ଭାଷା -
ଦୀର୍ଘ ଅଢେଇ ହଜାର ବର୍ଷ ର ଭାଷା କୁ ତର୍ଜମା ପରେ ଓଡ଼ିଆ କୁ ଷଷ୍ଠ ତମ ଶାସ୍ତ୍ରୀୟ ଭାଷା ର ମାନ୍ୟତା ପ୍ରଦାନ କରିବା ଯେପରି ଗୌରବ ର କଥା ଠିକ ସେହିପରି ଓଡ଼ିଆ ଭାଷା ଓ ସାହିତ୍ୟ ର ବିକାଶ ଦିଗରେ ଅଧ୍ୟାପକ, ସାହିତ୍ୟିକ, ଭାଷା ପ୍ରେମୀ ଙ୍କ ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ ।

ଗୋଟିଏ ମାଟିର ପରିଚୟ ତାର ଭାଷା, ଭାରତ ବର୍ଷ ଏକ ମାତ୍ର ରାଜ୍ୟ ଆମ ଓଡିଶା ଯାହାକି ଓଡ଼ିଆ ଭାଷା ଭିତିକ ରାଜ୍ୟ ଓଡିଶା, ଏହା ଆମ ପାଇଁ ଏକ ଗୌରବ ର ବାର୍ତ୍ତାବହ, ଓଡ଼ିଆ ଭାଷା ଓ ସାହିତ୍ୟ ର ସୁଦୀର୍ଘ ପରମ୍ପରା ରେ ପଥିତ ଯଶା ଲେଖକ ଙ୍କ କାଳଜୟୀ ସୃଷ୍ଟି ଓଡ଼ିଆ ସାହିତ୍ୟ କୁ ଅମର କରି ରଖିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ, ଭାରତ ବର୍ଷ ତଥା ବିଶ୍ୱ ର କୋଣ ଓ ଅନୁକୋଣ ରେ ଅବସ୍ଥାପିତ ଓଡ଼ିଆ ସମାଜ ଆମ ଭାଷା ର ପିଢ଼ି ପରେ ପିଢ଼ି ବ୍ୟବହାର କରି ଓଡ଼ିଆ ଭାଷା କୁ ଏକ ନୂଆ ଦିଗ ଦେଇଛନ୍ତି ।

ଓଡ଼ିଆ ସାହିତ୍ୟ ର ଇତିହାସ କୁ ପଯ୍ୟାଲୋଚନା କରିଲେ ଆମେ ବିଭିନ୍ନ ଯୁଗ ସାହିତ୍ୟ ର ବର୍ଣନା କରିଥାଉ, ବିଭିନ୍ନ ସମୟ ରେ ସାହିତ୍ୟିକ ମାନେ କଲମ ଚାଳନା କରି ଓଡ଼ିଆ ସାହିତ୍ୟ କୁ ରୁଦ୍ଧିବନ୍ତ କରିଛନ୍ତି, ଆମ ସମୟ ର ସାହିତ୍ୟ କୁ ପର୍ଯ୍ୟାଲୋଚନା କରିଲେ ତିନୋଟି ଆଧାର ରେ ଗଣାଯିବ ଯଥା -

ପୂର୍ବ ସ୍ୱାଧୀନତା ଯୁଗ ସାହିତ୍ୟ
ସ୍ୱାଧୀନତା ପରବର୍ତୀ ଯୁଗ ସାହିତ୍ୟ
ଆଧୁନିକ ଯୁଗ ସାହିତ୍ୟ

ଓଡ଼ିଆ ସାହିତ୍ୟିକ ମାନଙ୍କ କୃତି କୁ ଅନୁବାଦ ଦ୍ୱାରା ବିଭିନ୍ନ ଭାଷା ରେ ଭାରତୀୟ ସାହିତ୍ୟ ତଥା ବିଶ୍ୱ ସାହିତ୍ୟ କୁ ରୁଦ୍ଧିବନ୍ତ କରିଅଛି ।

ଠିକ ସେହିପରି ବିଭିନ୍ନ ଭାଷା ରେ ଭାରତୀୟ ସାହିତ୍ୟ ତଥା ବିଶ୍ୱ ସାହିତ୍ୟ ଇଂରାଜୀ ଭାଷା ରେ ଅନୁବାଦ ହୋଇ ତାହାକୁ ଓଡ଼ିଆ ସାହିତ୍ୟିକ ଙ୍କ ଦ୍ୱାରା ଓଡ଼ିଆ ଭାଷା ରେ ଅନୁବାଦ ହେବା ଦ୍ୱାରା ସାହିତ୍ୟ ର ଭାବକୁ ସାହିତ୍ୟ ଜଗତ ରେ ଉଜ୍ଜୀବିତ ହୋଇ ପାରିଅଛି ।

ଉତ୍ତର ଆଧୁନିକ ଓଡ଼ିଆ ସାହିତ୍ୟ ର ସାଧକ ପ୍ରଫେସର ଡ଼କ୍ଟର ସୁବାଷ ନାୟକ ଜଣେ ସେବକ, ଓଡ଼ିଆ ସାହିତ୍ୟ ର ଅଧ୍ୟାପକ, ସାହିତ୍ୟିକ, ଗବେଷକ ଭାବରେ ଓଡ଼ିଆ ସାହିତ୍ୟ ର ବିକାଶ ର ଏକ ସାରଥୀ, ସାହିତ୍ୟ ରୂପୀ ମହାସାଗର ରେ ମୁଁ ଏକ ଜଳବିନ୍ଦୁ, ମାତୃଭାଷା ର ସେବା କରିବାର ସୌଭାଗ୍ୟ ପାଇ ମୁଁ ଗର୍ବିତ ।

ଅଧ୍ୟାପକ ଭାବରେ ଶିକ୍ଷାର୍ଥୀ ଙ୍କୁ ସାହିତ୍ୟ ର ପରିବ୍ୟାପ୍ତ କୁ ଆଣିବା ଯେପରି କାର୍ଯ୍ୟ ଠିକ ସେହିପରି ସାହିତ୍ୟିକ ଭାବରେ ସାହିତ୍ୟ ସୃଷ୍ଟି କରି ସାହିତ୍ୟ ର ପରିସୀମା ର ଅଭିବୃଦ୍ଧି କରିବାର ଗାରିମା ହୁଏତ ଖୁବ କମ ଲୋକଙ୍କ ସୌଭାଗ୍ୟ, ସେଥିମଧ୍ୟରୁ ମୁଁ ଅନ୍ୟତମ ।

କୁହାଯାଏ -ସାହିତ୍ୟ ଓ କଳା (ଆର୍ଟ ) ଭଗବାନ ଙ୍କ ଦତ୍ତ, ତାଙ୍କ ବିନା ଆର୍ଶୀବାଦ ରେ ଏହି କାର୍ଯ୍ୟ ସମାପନ ହୁଏନାହିଁ, ବୋଧେ ହୁଏ ବିଧି ର ବିଧାନ ଠିକ ସେହିପରି, ପିଲାଟି ଦିନରୁ ଦେଖିଛି ବାପା ବିଶିଷ୍ଟ କାଠଶିଳ୍ପୀ ଶ୍ରୀ ରାମଚନ୍ଦ୍ର ନାୟକ ନିହାଣ ମୁନରେ କାଠ ରେ ତୋଳି ଥିଲେ ଯାଦୁକରୀ ଚିତ୍ର, ତାହା ମୋ ମନକୁ ଆନ୍ଦୋଳିତ କରିଥିଲା, ଏହା ର ପ୍ରେରଣା ରେ କଲମ ମୁନରେ ମୁଁ ସୃଷ୍ଟି କଲି ସାହିତ୍ୟ, ମୋ ଜୀବନ ର ପରିଧି ଭିତରେ -କବିତା, ଗଳ୍ପ, ଉପନ୍ୟାସ, ନାଟକ, ଜୀବନୀ, ଆତ୍ମଜୀବନୀ, ସମୀକ୍ଷା, ସମାଲୋଚନା, ଆଲୋଚନା, ସନ୍ଦର୍ଭ, ଅନୁବାଦ ଆଦି ବିଭିନ୍ନ ଦିଗରେ ରଚନା ଯାହାକି ଓଡ଼ିଆ ସାହିତ୍ୟ ର ପରିଧି କୁ ପରିବ୍ୟାପ୍ତ କରିବାରେ ଏକ ଗୁଣ୍ଡୁଚି ମୂଷା ଭଳି ଯୋଗଦାନ କରିଲି ।

ସାଧକ ଙ୍କ ସାଧନା, ସାହିତ୍ୟ ସୃଷ୍ଟି ସମୂହ କୁ ବିଭକ୍ତି କରଣ କରାଯାଇ ପାରେ - ଯେପରୀ ଜଣେ ସୃଷ୍ଟିଶାଳୀ ଲେଖକ ଠିକ ସେହିପରି ଜଣେ ସଫଳ ଅନୁବାଦକ ତଥା ଦ୍ୱିଭାଷୀ ସାହିତ୍ୟକାର, ଯିଏ ଇଂରାଜୀ ଭାଷା ରେ ରଚିତ କରି ସାହିତ୍ୟ ଜଗତ କୁ ପ୍ରତିପାଦନ, ତାହା ବେଶ ହୃଦୟସ୍ପର୍ଶୀ ।

ସୃଷ୍ଟିଶାଳୀ ଲେଖକ -ଡ଼କ୍ଟର ସୁବାଷ ନାୟକ
ନିଜ ଦୂରଦୃଷ୍ଟି ସମ୍ପର୍ଣ୍ଣ ସୃଜନଶୀଳତା ପ୍ରତିପାଦନ କରି ନିଜ ସୃଷ୍ଟି ପରିମଣ୍ଡଳ ଭିତରେ -କବିତା ସଂକଳନ -ପ୍ରିୟା(କବି ଙ୍କ ମାନସ ପଟ ରେ କାବ୍ୟ )ରାଜନୀତି ପୁସ୍ତକ ସମୀକ୍ଷା -ବିଜୁ ବିଜେଡି ଓଡିଶା(ଭୂମିପୁତ୍ର ବିଜୁ ପଟନାୟକ ଙ୍କ ଜୀବନୀ ) ଜୀବନୀ -ରାମଚନ୍ଦ୍ର ନାୟକ -ଏକ ଅମ୍ଳାନ ପ୍ରତିଭା(ବାପା ଙ୍କ ଜୀବନୀ ଓ ସୃଜନୀ), ଉପନ୍ୟାସ -ଭାରତୀ ଦେବୀ -ଏକ ଆଲୋକ ବର୍ତ୍ତିକା(ମା ଙ୍କ କର୍ମପ୍ରେରଣା ) ଆତ୍ମଜୀବନୀ –ମାଟିର ମଣିଷ ପ୍ରଫେସର ସୁବାଷ ନାୟକ (ଲେଖକ ଙ୍କ ଜୀବନ ବୃତ୍ତାନ୍ତ ଏକ ମାଟିର ମଣିଷ )ଗଳ୍ପ ସଂକଳନ -ପଥହରା ପଥିକ (ନିଜେ ଗାଳ୍ପିକ ଙ୍କ ଜୀବନ ର ଅନାଲୋଚିତ ତଥ୍ୟ) ନାଟକ -ଅସ୍ତମିତ ସୂର୍ଯ୍ୟ ବାବାଜୀ(ଜେଜେ ବାପା ଙ୍କ ଜୀବନୀ) ଗବେଷଣା ସନ୍ଦର୍ଭ -ସାରସ୍ୱତ ସାଧିକା ନନ୍ଦିନୀ ଶତପଥି (ପିଏଚ.ଡି. ସନ୍ଦର୍ଭ ସାରାଂଶ ), ସାହିତ୍ୟ ସମାଲୋଚନା -ସୃଜନପ୍ରଭା -ଓଡ଼ିଆ ସାହିତ୍ୟ ର ସୃଷ୍ଟି ଓ ସ୍ରଷ୍ଟା (ମୁଁ ଅନୁପ୍ରାଣିତ କୋଡିଏ ଜଣ ଆଧୁନିକ ଓଡ଼ିଆ ସାହିତ୍ୟିକ ଙ୍କ ଜୀବନୀ ଓ ସୃଜନୀ ), ପ୍ରବନ୍ଧ ସମାଲୋଚନା - ସୃଜନଧାରା -ଓଡ଼ିଆ ସାହିତ୍ୟ ର ସାଧକ ଓ ସାଧନା (ମୋ ପ୍ରେରଣାଦାୟୀ କୋଡିଏ ଜଣ ଉତ୍ତର ଆଧୁନିକ ଓଡ଼ିଆ ସାହିତ୍ୟିକ ଙ୍କ ଜୀବନୀ ଓ ସୃଜନୀ ) ।

ସଫଳ ଅନୁବାଦକ -ଡ଼କ୍ଟର ସୁବାଷ ନାୟକ

ବାପା ବରିଷ୍ଠ ରାଜନେତା ଶ୍ରୀ ରାମଚନ୍ଦ୍ର ନାୟକ ଙ୍କ ରାଜନୈତିକ ଆଦର୍ଶପୁରୁଷ ଭାରତରତ୍ନ ସ୍ବର୍ଗତ ଅଟଳବିହାରୀ ବାଜପାୟୀ, ପୂର୍ବତନ ପ୍ରଧାନମନ୍ତ୍ରୀ, ପ୍ରତିଷ୍ଠାତା ରାଷ୍ଟ୍ରୀୟ ସଭାପତି -ଭାରତୀୟ ଜନତା ପାର୍ଟି (ବିଜେପି ) ତଥା ହିନ୍ଦୀ ସାହିତ୍ୟ ର ବିଶିଷ୍ଟ କବି, ଶ୍ରୀ ବାଜପାୟୀ ଙ୍କ ଦୁଇ ଗୋଟି କବିତା ପୁସ୍ତକ କୁ ଓଡ଼ିଆ ଭାଷା ରେ ଅନୁବାଦ କରିଅଛି ।
ନିର୍ବାଚିତ କବିତା -ଅଟଳବିହାରୀ ବାଜପାୟୀ
ଏକୋଇଶି କବିତା -ଅଟଳବିହାରୀ ବାଜପାୟୀ

ମୋର ରାଜନୈତିକ ଆଦର୍ଶ ପୁରୁଷ, ଗୁଜୁରାଟୀ ସାହିତ୍ୟିକ, ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଙ୍କ ଦୁଇ ଗୋଟି କବିତା ପୁସ୍ତକ କୁ ଓଡ଼ିଆ ଭାଷା ରେ ଅନୁବାଦ କରିଅଛି ।

ଏକ ଯାତ୍ରା -ନରେନ୍ଦ୍ର ମୋଦି ଙ୍କ କାବ୍ୟମାନସ
ଦେବୀ ମା ଙ୍କୁ ଚିଠି -ନରେନ୍ଦ୍ର ମୋଦି ଙ୍କ କାବ୍ୟାଞ୍ଜଳୀ

ଯାହାକି ଓଡ଼ିଆ ସାହିତ୍ୟ କାହିଁକି ଭାରତୀୟ ସାହିତ୍ୟ କୁ ବଳିଷ୍ଠ କରିଅଛି ।

ଦ୍ବିଭାଷୀ ସାହିତ୍ୟକାର -ଡ଼କ୍ଟର ସୁବାଷ ନାୟକ
ଓଡ଼ିଆ ସାହିତ୍ୟ କୁ ଭାରତୀୟ ସାହିତ୍ୟ ରେ ଯୋଡିବାର ଏକ ମାତ୍ର ଉପାୟ ସାହିତ୍ୟ କୁ ଇଂରାଜୀ ଭାଷା ରେ ପରିପ୍ରକାଶ କରାଇବା କିମ୍ବା ଦୁଇ ଆଞ୍ଚଳିକ ଭାଷା କୁ ବିଶ୍ଳେଷଣ କରି ସାହିତ୍ୟ ରଚନା କରିବା, ଏ ଦିଗରେ -

ଆଲୋଚନାମୂଳକ ପ୍ରବନ୍ଧ - ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ (ଦୁଇ ସାହିତ୍ୟିକ ଙ୍କ କବିତା ସଂକଳନ କୁ ଆକଳନ କରିବା)

Poetry "A Journey" by Narendra Modi- impact to Indian Literature-an anthology by Dr. Subash Nayak(translated 12 languages book attachment)

Poetry "A Journey" by Narendra Modi
impact to World Literature - an anthology by Dr. Subash Nayak (translated 4 languages book attachment )

Poetry "PRIYA " by Dr. Subash Nayak
Impact to World of Literature
(Odia Poetry PRIYA translated various languages in National & International)

Nandini Satapathy -A Luminary of Indian Literature by Dr. Subash Nayak (Odia Litterateur Nandini Satapathy’s Life and though analysis in english language ) to Indian Literature.

ଡ଼କ୍ଟର ସୁବାଷ ନାୟକ ଙ୍କ ଶ୍ରେଷ୍ଠତମ କୃତି "ସାହିତ୍ୟ ଜଗତ ର ଅନନ୍ୟ ସାଧକ -ପ୍ରଫେସର ସୁବାଷ ନାୟକ " ଏହା ଡ଼କ୍ଟର ନାୟକ ଙ୍କ ସାରସ୍ବତ ସମଗ୍ର, ତାଙ୍କ ରଚିତ କୋଡିଏ ଗୋଟି ପୁସ୍ତକ ର ସାର ସଂକ୍ଷେପ ବର୍ଣିତ ।

ମୋର ଏହି ମାନସ ମନ୍ଥନ ସାରସ୍ୱତ ସମ୍ଭାର ଓଡ଼ିଆ ସାହିତ୍ୟ ର ଏକ ଅମୁଲ୍ୟ ଗ୍ରନ୍ଥ ହୋଇ ରହିବ, ଏଥିରେ ଦ୍ୱିମତ ନାହିଁ ।

ଆଗାମୀ ଦିନରେ କୌଣସି ଜଣେ ଗବେଷକ ଙ୍କ ଦ୍ୱାରା "ଓଡ଼ିଆ ସାହିତ୍ୟ କୁ ପ୍ରଫେସର ସୁବାଷ ନାୟକ ଙ୍କ ଅବଦାନ " ପ୍ରସଙ୍ଗ ରେ କୌଣସି ଏକ ବିଶ୍ୱବିଦ୍ୟାଳୟ ରେ ଗବେଷଣା ସନ୍ଦର୍ଭ (ପିଏଚ.ଡି ) ହେବ ଏଥିରେ ସନ୍ଦେହ ନାହିଁ ।

ଏ ପୁସ୍ତକ ଟି ପାଠକୀୟ ଆଦୃତି ଲାଭ କରିଲେ, ଏହାହିଁ ହେବ ମୋ ସାରସ୍ୱତ କୃତି କୁ ଶ୍ରେଷ୍ଠ ସ୍ୱୀକୃତି ।

ଜୟ ଜଗନ୍ନାଥ ।

(ପ୍ରଫେସର ଡ଼କ୍ଟର ସୁବାଷ ନାୟକ )

## ସାହିତ୍ୟ ଜଗତ ର ଅନନ୍ୟ ସାଧକ

-ପ୍ରଫେସର ସୁବାଷ ନାୟକ

## ମୁଖବନ୍ଧ-

### ଓଡ଼ିଆ ସାହିତ୍ୟ ର ସୁଦୀର୍ଘ ପରମ୍ପରା----

ସାହିତ୍ୟ ହେଉଛି ଅର୍ଥ ସହିତ ଅର୍ଥ ପୂର୍ଣ ଶବ୍ଦ ର କଳା, ସାହିତ୍ୟ ହେଉଛି ସେହି ଅଭିବ୍ୟକ୍ତ ଯାହାର ଶରୀର ଶବ୍ଦ ଏବଂ ଏହାର ଆତ୍ମ କୁ ଅର୍ଥ ଆକାର ରେ ନିଆ ଯାଇ ପାରିବ ।

ସୁଦୂର ଅତୀତ ରେ ଲିପି ର ଅଭାବ ହେତୁ ମୁଖସ୍ତ କରିବା ଥିଲା ସାହିତ୍ୟ କୁ ବଞ୍ଚାଇ ରଖିବା ର ଏକମାତ୍ର ଉପାୟ, ତେଣୁ ମନେ ରଖିବା ସୁବିଧା ନିମନ୍ତେ ସବୁ କଥା କୁ ପଦ୍ୟ ର ରୂପ ଦେବା ଦରକାର ଥିଲା, ଓଡ଼ିଆ ସାହିତ୍ୟ ର ଇତିହାସ ଚର୍ଯ୍ୟା ଗୀତି ରୁ ଆରମ୍ଭ ବୋଲି ପ୍ରମାଣ ମିଳିଅଛି, ଏହା ଗୌତମ ବୁଦ୍ଧ ଙ୍କ ଜନ୍ମ ସମୟ ରେ ସୃଷ୍ଟି ହୋଇଥିଲା, ସେହି କାଳରୁ ବୁଦ୍ଧ ଙ୍କ ଜନ୍ମ ଜାତକ (ବୁଦ୍ଧ ଜାତକ) ବାଣୀ ତ୍ରିପିଠକ ଭାବରେ ଓ ବୌଦ ସାଧୁ ସନ୍ଥ ଙ୍କ ଲେଖା ଚର୍ଯ୍ୟାଗୀତିକା ଓଡ଼ିଆ ସାହିତ୍ୟ ର ଆରମ୍ଭ, ଏହା ପରବର୍ତୀ କାଳରେ ଭକ୍ତି ଯୁଗ ସମୟ ରେ ଖୁବ ଉନ୍ନତ ହୋଇ ଥିଲା, ପରେ ବିଭିନ୍ନ ଯୁଗପୋଯୋଗୀ ରଚନା ସହିତ ଆଧୁନିକ ଓଡ଼ିଆ ସାହିତ୍ୟ ଆରମ୍ଭ ହୋଇଅଛି, କେତେକ ସ୍ଥାନ ରେ ଉତ୍ତର ଆଧୁନିକ ସାହିତ୍ୟ ଉକ୍ତି ଦେଖିବାକୁ ମିଳିଥାଏ ।

ଓଡ଼ିଆ ସାହିତ୍ୟ ର ବିଭାଗୀକରଣ-
ଓଡ଼ିଆ ସାହିତ୍ୟ ର ସମକାଳ କୁ ବିଭିନ୍ନ ଯୁଗ ଅନୁସାରେ ବଣ୍ଟା ଯାଇଥାଏ ସେଗୁଡିକ ହେଲା-
ଚର୍ଯ୍ୟା ଯୁଗ
ସାରଳା ଯୁଗ
ପଞ୍ଚସଖା ଯୁଗ
ରୀତି ଯୁଗ
ରାଧାନାଥ ଯୁଗ
ସତ୍ୟବାଦୀ ଯୁଗ
ପ୍ରଗତି ଯୁଗ
ସବୁଜ ଯୁଗ
ସ୍ଵାଧୀନତା ପର ର ଯୁଗ
ଆଧୁନିକ ଯୁଗ
ଉତ୍ତର ଆଧୁନିକ ଯୁଗ

### ଓଡ଼ିଆ ଭାଷା ଓ ସାହିତ୍ୟ

ଆମ ଓଡ଼ିଆ ଭାଷା ଭାରତୀୟ ଭାଷା ମାନଙ୍କ ମଧ୍ୟରେ ଅନ୍ୟତମ ଏହା ମୁଖ୍ୟତଃ ଆମ ଓଡିଶା ର ଅଧିବାସୀ ମାନଙ୍କ ଦ୍ଵାରା ବ୍ୟବହୃତ, ଓଡିଶା ଭାରତ ର ପୂର୍ବ ଭାଗରେ ରହିଅଛି, ପଡୋଶୀ ରାଜ୍ୟ- ଆନ୍ଧ୍ର ପ୍ରଦେଶ, ଝାଡଖଣ୍ଡ, ଛତିଶଗଡ, ପଶ୍ଚିମବଙ୍ଗ ଏହି ଚାରି ଟି ସୀମାନ୍ତ ରାଜ୍ୟ ରେ ଅବସ୍ଥାପିତ ଓଡ଼ିଆ ଲୋକ ମଧ୍ୟ ଆମ ମାତୃଭାଷା ଓଡ଼ିଆ ଭାଷା ରେ ବହୁଳ ଭାବରେ ବ୍ୟବହାର କରିଥାନ୍ତି ଏବଂ ଭାରତ ର ଅନ୍ୟ ରାଜ୍ୟ ରେ ଅବସ୍ଥାପିତ ଓଡ଼ିଆ ତଥା ପୃଥିବୀ ରେ ବିଭିନ୍ନ ଦେଶ ରେ ଅବସ୍ଥାପିତ ଓଡ଼ିଆ ଯଥା

ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆ, ୟୁରୋପ ପ୍ରଭୃତି ପାଶ୍ଚାତ ଦେଶ ମାନଙ୍କ ରେ ମଧ୍ଯ ବେଶ କିଛି ଓଡ଼ିଆ ଅଧିବାସୀ ଓଡ଼ିଆ ଭାଷା କୁ ବିଦେଶ ରେ ମଧ୍ଯ ଖ୍ୟାତି କରାଇଛନ୍ତି ।

ଓଡ଼ିଆ ଭାଷା ଶ୍ରୀଷ୍ଟ ପୂର୍ବ ଚାରି ଶହ ରୁ ଆରମ୍ଭ ହୋଇ ଥିଲେ ହେଁ ଶ୍ରୀଷ୍ଟାବ୍ଦ ବାର ଶହରୁ ଆଧୁନିକ ରୂପ ଧାରଣା କରିଅଛି, ଏହି ସମୟ ରୁ ବିଭିନ୍ନ ପଦ୍ୟ ଯଥା- କୋଇଲି, ଚୌଉତିସା ଇତ୍ୟାଦି ଆରମ୍ଭ ହୋଇଥିଲା, ଚତୁଦଶ ସପ୍ତାଧି ରେ ଆଦିକବି ସାରଳା ଦାସ ଓଡ଼ିଆ ଭାଷା ରେ ମହାଭାରତ ରଚନା କରିଥିଲେ, ଚତୁଦଶ ସପ୍ତାଧି ଠାରୁ ଷୋଡଶହ ସପ୍ତାଧି ପର୍ଯ୍ୟନ୍ତ କବି ମାନେ ବିଭିନ୍ନ ପୁରାଣ ସଂସ୍କୃତ ଭାଷା ରୁ ଓଡ଼ିଆ ଭାଷା ରେ ଅନୁବାଦ କରିଥିଲେ, ସପ୍ତଦର୍ଶ ସପ୍ତାଧି ରୁ ଓଡ଼ିଆ କାବ୍ୟ ଓ କବିତା ର ଲୋକ ପ୍ରିୟତା ବୃଦ୍ଧି ପାଇଥିଲା, ସପ୍ତଦର୍ଶ ରୁ ଊନବିଂଶ ସପ୍ତାଧି ଯାଏଁ ଓଡିଶା ର କବି ବୃନ୍ଦ ବିଭିନ୍ନ ଛାନ୍ଦ, ରାଗ ଓ ତାଳ ରେ ଭିନ୍ନ ଭିନ୍ନ କାବ୍ୟ, କବିତା, ଭଜନ, ଜଣାଣ, ଛାନ୍ଦ, ଚୌତିଶା ଇତ୍ୟାଦି ରଚନା କରି ଓଡ଼ିଆ ଭାଷା ଓ ସାହିତ୍ୟ କୁ ସମୃଦ୍ଧି କରିଥିଲେ, ଏହି ସମୟ ରେ ଓଡ଼ିଆ ଭାଷା ଉନ୍ନତି ର ଚରମ ସୀମା ରେ ପହଞ୍ଚିଥିଲା, ଊନବିଂଶ ସପ୍ତାଧି ପରଠାରୁ ଓଡ଼ିଆ ଭାଷା ର କ୍ରମନ୍ୟୟ ପ୍ରଗତି ଘଟିଥିଲେ ମଧ୍ଯ ଏହା ଭାରତ ର ଅନନ୍ୟ ଆଞ୍ଚଳିକ ଭାଷା ର ପ୍ରଗତି ତୁଳନା ରେ ଗୌଣ ।

**ଅଷ୍ଟମ ଓ ନବମ ଶତାଧି ର ଓଡ଼ିଆ ସାହିତ୍ୟ-**

ଚାର୍ଯ୍ୟା/ଚାରିଜାଗତି ଯୁଗ-
ଭାରତ ର ସବୁଠାରୁ ପୁରୁଣା ଭାଷା ପାଲି ରୁ ଓଡ଼ିଆ ଭାଷା ର ଉତ୍ପତ୍ତି, ଦୁଇ ହଜାର ବର୍ଷ ରୁ ଅଧିକ ଆଗରୁ ଓଡିଶା ରେ ଗୌତମ ବୁଦ୍ଧ ଙ୍କ ଜନ୍ମ, ଧର୍ମ ପ୍ରଚାର ଓ ବୌଦ୍ଧ ଧର୍ମ ର ବିକାଶ କାଳ ରେ ପାଲି ଭାଷା ହିଁ ଥିଲା ଓଡ଼ିଆ ଭାଷା ତିଆରି ର ମୂଳଦୁଆ, ଓଡିଶା ଓ ଏହାର ସୀମାନ୍ତ ରାଜ୍ୟ ମାନଙ୍କ ବିଭିନ୍ନ ଅଞ୍ଚଳ ରୁ ସଂଗୃହିତ ତାମ୍ର ଫଳକ ତଥା ପଥର ରେ ଖୋଦିତ ଲେଖା ମାନଙ୍କ ରୁ ଖ୍ରିଷ୍ଟାବ୍ଦ ଚାରି ଶହ ରୁ ହଜାରେ ଅଶୀ ସପ୍ତାଧି ମଧ୍ଯରେ ଉକ୍ତ ଭାଷା ର ପ୍ରଚଳନ ଥିବା ସ୍ପଷ୍ଟ ପ୍ରମାଣ ମିଳିଅଛି, ଏହା ବ୍ୟତୀତ ନେପାଳ ଦେଶ ରୁ ସଂଗ୍ରହ କରା ଯାଇଥିବାବୌଦ୍ଧ ଧର୍ମୀ ଚର୍ଯ୍ୟାପଦ ମାନଙ୍କ ପଦ୍ୟ ରଚନା ଗୁଡିକ ମଧ୍ଯରୁ ଏହି ସମୟ ରେ ଓଡ଼ିଆ ଭାଷା ର ଆଦ୍ୟବସ୍ଥା ର ପରିଚୟ ମିଳିଅଛି, ଆଦି ଯୁଗର ଓଡ଼ିଆ ଭାଷା ଏବେକାର ଓଡ଼ିଆ ଭାଷା ପରି ନଥିଲା, ଅଷ୍ଟମ, ନବମ ଶତାଧି ରେ ଓଡ଼ିଆ ପାଲି ଭାଷା ର ଅନୁରୂପ ଥିଲା, ସେତେବେଳେ ଆର୍ଯ୍ୟ ମାନଙ୍କ ର ଓଡିଶା ଆଗମନ ହେତୁ ଅନେକ ଓଡ଼ିଆ ଶବ୍ଦ ସଂସ୍କୃତ ଭାଷା ଦେଇ ପ୍ରଭାବିତ ହେଲା ଓ ଶବ୍ଦ ଗ୍ରହଣ ରେ ବଦଳ ଆସିଲା, ସେତେବେଳେ ର ଓଡିଶା ବା କଳିଙ୍ଗ ଭୂଖଣ୍ଡ ଭିତରେ ଆଜିର ଓଡିଶା, ବଙ୍ଗଳା, ବିହାର, ଆସାମ ଭୂଖଣ୍ଡ ଥିଲା, ତେଣୁ ଓଡ଼ିଆ ଭାଷା ଏ ସବୁ ଅଞ୍ଚଳ ରେ ଭାଷା ଓ ସାହିତ୍ୟିକ ବହୁ ଭାବରେ ପ୍ରଭାବିତ କରୁଥିଲା, ଏଥିରେ ଲିଖିତ ଗୀତି କବିତା କେତେକ ମିଳିଅଛି ଯାହାକୁ ଚର୍ଯ୍ୟା ଗୀତି ବା ଚର୍ଯ୍ୟାଗୀତିକା କୁହାଯାଏ, ବୌଦ୍ଧ ସିଦ୍ଧ କବି ମାନେ ଏସବୁ ରୁ ରଚନା କରିଥିଲେ, ଏଗୁଡିକ ଆକାର ରେ ଖୁବ ଛୋଟ, ଏ କାଳ ର କବିମାନେ ହେଲେ- କାନୁପା, ଲୁଇପା, ଶବରୀପା, ହାଡୁପା, କୁକୁରୀପା, ଏ ଲେଖା ଗୁଡିକ ଧନାଶ୍ରୀ, ରାମକୋରି, ମାଳଶ୍ରୀ, ବାରଡ଼ି ଆଦି ରାଗରେ ଏହାର ଲେଖା, ଏସବୁ ଭଲ ଭାବରେ ବୋଲା ଯାଇପାରେ ଓ ନିତ୍ୟାନ୍ତ ସରଳ ଓ ମୌଳିକ ଭାଷା ରେ ଲିଖିତ, ଏହି କବିତା ଗୁଡିକ ରେ ଶବର, ଶବରୁଣୀ, ଜହ୍ନକ୍ଷେତ, କପା ବୁଣିବା, ସୁନା, ବେଙ୍ଗ ଆଦିର ରୂପକ ବା ପ୍ରତୀକ ଛବି ରହିଅଛି ।

ଏହି ଚର୍ଯ୍ୟାଗୀତି ଓଡ଼ିଆ, ବଙ୍ଗଳା, ଆସାମିୟା ଓ ମୈଥିଳୀ ସାହିତ୍ୟ ର ଆଦିରୂପ ବୋଲି କୁହାଯାଏ, ଏହି ଯୁଗ କୁ ସିଦ୍ଧି ସାହିତ୍ୟ ଯୁଗ ବା ଚାରି ଜଗିତି ର ଯୁଗ ବୋଲି କୁହାଯାଏ ।

ବାର ଓ ତେର ସପ୍ତାଧି ରେ ଓଡ଼ିଆ ସାହିତ୍ୟ-
ଏହି ଶତାଧି ବେଳକୁ ଓଡ଼ିଆ ସାହିତ୍ୟ ରେ ଏହି ସିଦ୍ଧି ସାହିତ୍ୟ ର ବିକାଶ ହୋଇ ସାରିଅଛି, ପୁରାତନ ଓଡ଼ିଆ ଭାଷା ଓ ସାହିତ୍ୟ ରେ ଅନେକ ଚାଉତିଶା ରଚିତ ହୋଇଥିଲା, ଏଥିରୁ ଓଡ଼ିଆ ଗୀତି ସାହିତ୍ୟ ବା ଛାନ୍ଦ ସାହିତ୍ୟ ର ଉଭବ ହୋଇଛି, ଚଉତିଶା ରଚନା ଏକ ଆଳଙ୍କାରିକ ରଚନା, କ ଠାରୁ କ୍ଷ ପର୍ଯ୍ୟନ୍ତ ଚଉତିରିଶି ବ୍ୟଞ୍ଜନ ବର୍ଣ୍ଣ ଆଦିକ୍ରମ ରେ ରଚିତ ହେଉଥିବା କବିତା ଚଉତିଶା ନାମରେ ନାମିତ ।

ଅନ୍ଧ କବି ଭୀମ ଭୋଇ ଏହିପରି କେତେକ ଚଉତିଶା ରଚନା କରିଥିଲେ, ପ୍ରାଚୀ ସମିତି ପ୍ରକାଶିତ- "ଚଉତିଶା ମଧୁ ଚକ୍ର" ରେ ଏହିପରି କେତୋଟି ଚଉତିଶା ଦେଖିବାକୁ ମିଳିଥାଏ, ପୁରାତନ ଓଡ଼ିଆ ସାହିତ୍ୟ ରେ ଅନେକ ଚଉତିଶା ଲୋକପ୍ରିୟତା ହାସଲ କରିଥିଲା, ଏମାନଙ୍କ ମଧ୍ୟରେ କଳଶ ଚଉତିଶା, କୋଇଲି ଚଉତିଶା ଆଦି ପ୍ରଧାନ

ଓଡ଼ିଆ ରେ ଅନେକ ଦୂତ ଓ ସନ୍ଦେହ ମୂଳକ ସାହିତ୍ୟ ରଚନା ହୋଇଥିଲା, କୋଇଲି ଚଉତିଶା, କାଦମ୍ବିନୀ ଚଉତିଶା ଓ ଚିଟାଉ ଚଉତିଶା (ଉପେନ୍ଦ୍ର ଭଞ୍ଜ), ଜଣାଣ ଚଉତିଶା ରେ କବିସୂର୍ଯ୍ୟ ବଳଦେବ ରଥ ଙ୍କ ସର୍ପ ଜଣାଣ, ଦୀନକୃଷ୍ଣ ଦାସ ଙ୍କ ଆର୍ତ୍ତତ୍ରାଣ ଚଉତିଶା, ମିଳନ- ବିରହ ଚଉତିଶା ରେ ସମ୍ଭୋଗ ଓ ବିପ୍ରଲମ୍ଭ ଶୃଘାର ର ବର୍ଣ୍ଣନା ଦେଖା ଦେଇଥାଏ ।

ସୁଦର୍ଶନ ପଟନାୟକ ଙ୍କ ରାଧାକୃଷ୍ଣ ମିଳନ ଚଉତିଶା, ଦୀନକୃଷ୍ଣ ଦାସ ଙ୍କ ଅନୁରାଗ ରତ୍ନାକର ଚଉତିଶା, ଗୋପୀନାଥ ଙ୍କ ମଥୁରା ବିଜେ ଚଉତିଶା, ବର୍ଣ୍ଣନା ମୂଳକ ଚଉତିଶା ରେ ପୌରାଣିକ ବର୍ଣ୍ଣନା ସ୍ଥାନୀତ, ଦ୍ୱିଜ ଶ୍ରୀଧର ଙ୍କ ଗୁଣ୍ଡିଚା ବିଜେ ଚଉତିଶା, ନରସିଂହ ସେଣ ଙ୍କ କୁସୁମ ସମୟ କାଳ, ଆଳଙ୍କାରିକ ଚଉତିଶା ରେ ଲୋକନାଥ ଦାସ ଙ୍କ ଛାନ୍ଦ ଶ୍ଳୋକ, ଉପେନ୍ଦ୍ର ଭଞ୍ଜ ଙ୍କ ଯମକରାଜ ଚଉତିଶା, ବ୍ରାହ୍ମଜ୍ଞାନ ମୂଳକ ଚଉତିଶା ରେ ଦ୍ୱାରିକା ଦାସ ଙ୍କ ବାଳବୋଲି, ଜଗନ୍ନାଥ ଦାସ ଙ୍କ କମଳକେଶର ଚଉତିଶା, ବୈରାଗ୍ୟ ମୂଳକ ଚଉତିଶା ରେ ଭକ୍ତଚରଣ ଦାସ ଙ୍କ ମନବୋଧ ଚଉତିଶା ପ୍ରଧାନ ଅଟେ ।

ପ୍ରାଚୀନ ଓଡ଼ିଆ ସାହିତ୍ୟ ରେ ଚଉତିଶା କୁ ପୁରୋଭାଗ ରେ ରଖା ଯାଇଥାଏ, ଏହା ଏକ ବିଶାଳ ଗୀତି ସାହିତ୍ୟ ଅଟେ, ଚଉତିଶା ର ସମକକ୍ଷ ସାହିତ୍ୟ ହେଉଛି- ଚୌଉପଦୀ ।

**ପଞ୍ଚଦଶ ସତାଧି ରେ ଓଡ଼ିଆ ସାହିତ୍ୟ-**

ସାରଳା ଯୁଗ-

ପନ୍ଦର ଶହ ଶତାଧି ରେ ଜଗତସିଂହପୁର ଝଙ୍କଡ଼ ଠାରେ ସାରଳା ଦାସ ଜନ୍ମ ଗ୍ରହଣ କରିଥିଲେ, ତାଙ୍କ ମୂଳନାମ ଥିଲା- ସିଦ୍ଧେଶ୍ୱର ପରିଡା, ସାରଳା ମା ଚଣ୍ଡୀ ଙ୍କ ଜଣେ ଭକ୍ତ ଥିଲେ, ତାଙ୍କ କୃପାରୁ ସେ ସାହିତ୍ୟ ସର୍ଜନା କରିବାର କ୍ଷମତା ଲାଭ କରିଥିଲେ ବୋଲି ଲୋକ ବିଶ୍ୱାସ ରହିଅଛି, ସେ ତାଳପତ୍ର ପୋଥି ରେ ଓଡ଼ିଆ ଭାଷା ରେ ଅଠର ଖଣ୍ଡ ମହାଭାରତ ଲେଖିଥିଲେ, ଏହା ଦାଣ୍ଡି ବୃତ୍ତ ରେ ଲେଖାଥିଲା, ଏଥିରେ କେବଳ ପୁରାଣ ବାଖ୍ୟାଣ ସହିତ ଓଡିଶା ର ଇତିହାସ, ଭୂଗୋଳ, ଲୋକକଥା, ସାଧାରଣ ଜନ ଜୀବନ ର ଛବି ରହିଅଛି, ତାଙ୍କ ରଚିତ ବିଲଙ୍କା ରାମାୟଣ, ଚଣ୍ଡୀ ପୁରାଣ ଓ ସପ୍ତକାଣ୍ଡ ରାମାୟଣ ଗ୍ରନ୍ଥ ଏହି ଯୁଗର କିଛି କାଳଜୟୀ ସୃଷ୍ଟି ସମ୍ପଦ ।

ନାରାୟଣ ଅବଧୂତ ସ୍ୱାମୀ ଙ୍କ ରୁଦ୍ର ସୁଧାନିଧି ଏ ଯୁଗର ଏକ ଅମୂଲ୍ୟ ଗ୍ରନ୍ଥ, ଖୁବ ଛୋଟ ଛୋଟ ବାକ୍ୟ ରେ ଏହା ଲେଖା ହୋଇ ଅଛି, ଏହାର ଗଦ୍ୟ ରଚନା ଭାଙ୍ଗି ରେ ପଦ୍ୟ ମାଧୁରୀ ଦେଖି ବାକୁ ମିଳିଥାଏ ବତ୍ସା ଦାସ ଙ୍କ କଳସ ଚଉତିଶା ଓ ମାର୍କଣ୍ଡ ଦାସ ଙ୍କ କେଶବ କୋଇଲି ଓଡ଼ିଆ ସାହିତ୍ୟ ର ଦୁଇଟି ପ୍ରାଚୀନ ରଚନା, ଚଉତିଶା ଓ କୋଇଲି ରଚନା ଓଡ଼ିଆ ସାହିତ୍ୟ କୁ ଅତି ଉନ୍ନତ କରିଅଛି ।

ପଞ୍ଚସଖା ଯୁଗ-

ଏ ଯୁଗରେ ଶ୍ରେଷ୍ଠ ସାହିତ୍ୟ କୃତି ମଧ୍ୟରେ- ଜଗନ୍ନାଥ ଦାସ ଙ୍କ 'ଓଡ଼ିଆ ଭାଗବତ' ଓଡ଼ିଆ ଙ୍କ ଘରେ ଘରେ ପୂଜିତ ଓ ପଠିତ, ଓଡ଼ିଆ ଅସ୍ମିତା କୁ ଏଠାରେ ଉପସ୍ଥାପିତ କରା ଯାଇଅଛି ।

ବଳରାମ ଦାସ ଙ୍କ 'ଜଗମୋହନ ରାମାୟଣ' ତଥା ଅଚୁତାନନ୍ଦ ଦାସ ଙ୍କ 'ହରିବଂଶ' ଓ 'ମାଳିକା' ଓଡ଼ିଆ ଜାତି ର ଏକ ଶ୍ରେଷ୍ଠ ସମ୍ପଦ କହିଲେ ଅତ୍ୟୁକ୍ତି ହେବନାହିଁ ।

ପଞ୍ଚସଖା ଙ୍କ ପରେ ଖଡ଼ିଆଳ ଚୈତନ୍ୟ ଦାସ ଙ୍କ ରଚନା ମଧ୍ୟ ଓଡ଼ିଆ ସାହିତ୍ୟ କୁ ଉନ୍ନତ କରିଅଛି, ଏହି କାଳ ର ଓଡ଼ିଆ ଭାଷା ରେ ପ୍ରଥମ ଜୀବନୀ ଲେଖକ ଦିବାକର ଦାସ ଲେଖିଥିଲେ, ଏ ସମୟରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ପରମ ଭକ୍ତ ସାଲବେଗ ଙ୍କ ଭକ୍ତି ରଚନା ମଧ୍ୟ ଅଗ୍ରଗଣ୍ୟ, ସାଲବେଗ ଙ୍କ ଓଡ଼ିଆ ଭଜନ ଓ ଜଣାଣ ଓଡ଼ିଆ ସାହିତ୍ୟ ର ଅମୂଲ୍ୟ ସମ୍ପଦ ଭାବରେ ଆଜି ଯାଏ ରହିଅଛି, ତାଙ୍କ ରଚିତ " ଆହେ ନୀଳ ଶୈଳ... ପ୍ରବଳ ମତ ବାରଣ..." ଓଡ଼ିଆ ଭକ୍ତି ସଙ୍ଗୀତ ରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଅଛି ।

**ଷୋହଳ ଓ ସତର ଶହ ସତାଧି ରେ ଓଡ଼ିଆ ସାହିତ୍ୟ-**

ଏ ସମୟରେ ଅନେକ କିଛି ପଦ୍ୟ ରଚନା କରା ଯାଇଥିଲା, ସୋମନାଥ ବ୍ରତ କଥା, ମାଦଳା ପାଞ୍ଜି ଏହି ସମୟରେ ଲେଖା ଯାଇଥିବା ଅନୁମାନ କରା ଯାଇଥାଏ ।
ଏହି ସତାଧି ମଧ୍ୟ ରେ ଓଡ଼ିଆ ସାହିତ୍ୟ ର ବିଭିନ୍ନ ଯୁଗ ଦେଇ ଗତି କରିଅଛି ଯଥା-
ରୀତି ଯୁଗ-
ପଞ୍ଚସଖା ଙ୍କ ଯୁଗ ଥିଲା ପୁରାଣ ଓ ଭକ୍ତି ଯୁଗ, ଏହି ଯୁଗ ପରେ ଆସିଲା କାବ୍ୟ ଯୁଗ (ରୀତି ଯୁଗ) ଯେଉଁଥିରେ ଅଳଙ୍କାରିକ ବିଶେଷ ପ୍ରଭାବ ପକାଇଥିଲା, ଏହି ସମୟରେ- ଅର୍ଜୁନ ଦାସ, ଦେବ ଦୁର୍ଲ୍ଲଭ ଦାସ, ନରସିଂହ ସେଣ, ପାର୍ଥ ଶ୍ରୀ-ଚନ୍ଦନ, ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ ଦାସ, ଅଭିମନ୍ୟୁ ସାମନ୍ତ ସିଂହାର, ବ୍ରଜନାଥ ବଡ଼ଜେନା, ଯଦୁମଣି ପ୍ରମୁଖ ଏ କାଳ ର ପ୍ରସିଦ୍ଧ କବି ଥିଲେ ।

ଉପେନ୍ଦ୍ର ଭଞ୍ଜ ଙ୍କ ରଚିତ- ବୈଦେଶିହ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ଏ ଯୁଗ ର କିଛି ଉତ୍କୃଷ୍ଟ ରଚନା ଦୀନକୃଷ୍ଣ ଙ୍କ ରସ କୋଲ୍ଲଳୀ, ରସ ବିନୋଦ, ତଥା ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ବିଗଧ ଚିନ୍ତାମଣି ଏ ଯୁଗର ଆଉ କିଛି କାଳଜୟୀ ରଚନା ।
ଏ ଯୁଗର କବି ମାନ ଙ୍କ ରଚନା ସଙ୍ଗୀତିକତା ଦୃଷ୍ଟି ରୁ ବେଶ ଜନପ୍ରିୟ ଥିଲା, ଏହି ଯୁଗ ର ଶେଷ ଆଡକୁ କବି ବ୍ରଜନାଥ ବଡ଼ଜେନା ଙ୍କ ସମର ତରଙ୍ଗ, ଅମ୍ବିକା ବିଳାସ କାବ୍ୟ ସହିତ ଚତୁର ବିନୋଦ ନାମକ ଗଦ୍ୟ ଲେଖିଥିଲେ ଓ କବିସୂର୍ଯ୍ୟ ବଳଦେବ ରଥ ଙ୍କ କିଶୋର ଚନ୍ଦ୍ରାୟନ ଚମ୍ପୁ ଓ ଚନ୍ଦ୍ରକଳା କାବ୍ୟ ଲେଖିଥିଲେ ବନମାଳୀ ଦାସ, ଗୋପାଳକୃଷ୍ଣ ପଟନାୟକ, ଗୌର ଚରଣ ପ୍ରମୁଖ ଗୀତିକାର ମାନେ ଏହି କାଳରେ ଅନେକ ଗୀତି କବିତା ଓ କାବ୍ୟ ରଚନା କରି ଯାଇଛନ୍ତି ।
ଭୀମ ଭୋଇ ଙ୍କ ଭଜନ ରେ ଭକ୍ତି ଓ ବିଶ୍ୱ ମାନବ ବାଦ ଦେଖା ଯାଇଥିଲା ।

ରାଧାନାଥ ଯୁଗ-
ପଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତା ର ସମ୍ପର୍କ ରୁ ଓଡ଼ିଆ ସାହିତ୍ୟ ରେ ଆଧୁନିକତା ର ଅଭିଦ୍ୟୁୟ ଘଟିଥିଲା, ଖ୍ରୀଷ୍ଟପୂର୍ବ ଅଠର ଶହ ତିନି ମସିହାରେ ଓଡିଶା ଇଂଗ୍ରେଜ଼ ମାନଙ୍କ ଅଧୀନ କୁ ଗଲା, ଧିରେ ଧିରେ ଇଂଗ୍ରେଜ଼ ମାନେ ସେମାନ ଙ୍କ ର ଧର୍ମ, ଭାଷା, ସଭ୍ୟତା, ଶିକ୍ଷା, ଦୀକ୍ଷା, ଆଚର, ବ୍ୟବହାର ଏ ଦେଶ ରେ ପ୍ରବର୍ତ୍ତନ କାରିବାକୁ ଲାଗିଲେ ଫଳରେ କାଳକ୍ରମେ ଏ ଦେଶ ଲୋକ ମାନଙ୍କ ରୁଚି ପରିବର୍ତ୍ତନ ଓ ସେମାନେ ପ୍ରାଚୀନ ସାହିତ୍ୟ ର ଗତାନୁଗତିକତାକୁ ପରିହାର କରି ଆଧୁନିକତା କୁ ବରଣ କରିଲେ, ଓଡ଼ିଆ ସାହିତ୍ୟ ର ଆଧୁନିକ ଯୁଗର ସୃଷ୍ଟି ପ୍ରାଚ୍ୟ- ପଶ୍ଚାତ୍ୟ ସଂଘର୍ଷ ରୁ ଘଟିଛି ବୋଲି କୁହାଯାଏ ।
ଓଡିଶା ରେ ଏହି ସଂଘର୍ଷ ର ସୂତ୍ରପାତ କମ୍ପାନୀ ସରକାର ଙ୍କ ଅମଳ ରୁ ହିଁ ଘଟିଥିଲା ଓ ଏହା ସମୟ କ୍ରମେ ଏ ଦେଶ ର ସମାଜ, ଧର୍ମ ଧାରଣା, ସଭ୍ୟତା, ସଂସ୍କୃତି ସର୍ବୋପରି ସାହିତ୍ୟ କ୍ଷେତ୍ର ରେ ଏକ ଅନୁଭୂତି ପୁର୍ଣ ପରିବର୍ତ୍ତନ ଆଣିଥିଲା, ଏ ସଂଘର୍ଷ ଏ ଦେଶ ରେ ଖ୍ରୀଷ୍ଟପୂର୍ବ ଅଠର ଶହ ତିନି ରୁ ଅଠର ଶହ ସତୁରୀ ମସିହା ଲାଗି ରହିଥିଲା, ପରିଣାମ ସ୍ୱରୂପ ସମାଜ ଓ ସଂସ୍କୃତିକ ଚେତନା ରେ ମଧ୍ୟ ସେହି ଆଧୁନିକତା ର ଉନ୍ମେଷ ଘଟଇଥିଲା ।

ଏହି ସଂଘର୍ଷ ରେ ସାହିତ୍ୟ ର ପରିବର୍ତ୍ତନ ଧାରା ସେହି ଏକା ଦିନରେ ତିରୋଧାନ ହୋଇ ଯାଇ ନଥିଲା, ସେହିପରି ଆଧୁନିକ ଯୁଗ ସୃଷ୍ଟି ର ଇତିହାସ କୌଣସି ଏକ ନୂତନ ବିନ୍ଦୁ ରୁ ସହସା ଜନ୍ମ ହୋଇନଥିଲା, ଏ ସଂଘର୍ଷ ର ଇତିହାସ ତେଣୁ ଗୋଟିଏ ଦୃଷ୍ଟି ଦୀର୍ଘକାଳ ବ୍ୟାପି ଓ କୌତୁହଳ ଉଦୀପକ ।

**ଓଡ଼ିଆ ସାହିତ୍ୟ ରେ ଆଧୁନିକ ଯୁଗ -**

ଓଡ଼ିଆ ସାହିତ୍ୟ ରେ ଆଧୁନିକ ଯୁଗ ସୃଷ୍ଟି ର ପୃଷ୍ଠ ଭାଗରେ ଯେଉଁସବୁ ସାହିତ୍ୟିକ, ସାସ୍କୃତିକ, ସାମାଜିକ, ରାଜନୈତିକ ଘଟଣା ବଳୀ ର ଉପସ୍ଥାପନା ଦ୍ୱାରା ଆଧୁନିକ ଯୁଗର ସୃଷ୍ଟି ।

କବିବର ରାଧାନାଥ ରାୟ-
ଶ୍ରୀ ରାୟ ଓଡ଼ିଆ ସାହିତ୍ୟ ରେ ଆଧୁନିକ ଯୁଗର ସ୍ରଷ୍ଟା ଭାବରେ ପରିଚିତ, ରାଧାନାଥ ପ୍ରଥମେ ବଙ୍ଗଳା ରେ ସାହିତ୍ୟ ରଚନା କରୁଥିଲେ, ବଙ୍ଗଳା ସାହିତ୍ୟିକ ଭୁଦେବ ମୁଖପାଧ୍ୟାୟ ଙ୍କ ପ୍ରରୋଚନା ରେ ସେ ଓଡ଼ିଆ ରେ ଲେଖିବା ଆରମ୍ଭ କରିଥିଲେ, ତାଙ୍କ ରଚନା ରେ ଓଡିଶା ରେ ପ୍ରାକୃତିକ ଦୃଶ୍ୟ ଏବଂ ଐତିହାସିକ ବିଷୟ ସ୍ଥାନୀତ, ତାଙ୍କ ଶ୍ରେଷ୍ଠ କୃତି "ଚିଲିକା" ଖଣ୍ଡ କାବ୍ୟ ତାଙ୍କୁ ପ୍ରସିଦ୍ଧି ଆଣି ଦେଇଥିଲା, ପ୍ରାକୃତିକ ଦୃଶ୍ୟ ବର୍ଣ୍ଣିତ ଏହି ଖଣ୍ଡ କାବ୍ୟ ରେ ଚିଲିକା ହ୍ରଦ୍ର କୁ ସର୍ବକୃଷ୍ଟ ଦେଖାଇବା ପାଇଁ ସେ ଚିଲିକା କୁ ମା ଲକ୍ଷ୍ମୀ ଙ୍କ ସହିତ ତୁଳନା କରିଛନ୍ତି, ତାଙ୍କ ଅନ୍ୟ କାବ୍ୟ ସୃଷ୍ଟି ମଧ୍ୟରେ- କେଦାର ଗୌରୀ, ଚନ୍ଦ୍ରଭାଗା, ନନ୍ଦିକେଶ୍ବରୀ, ଉଷା, ପାର୍ବତୀ, ମହାଯାତ୍ରା, ଦରବାର ସହିତ ଉର୍ବଶୀ, ଯଯାତି କେଶରୀ, ସତ୍ୟବାଦୀ, ଫୁଲରାଣୀ ପ୍ରଭୁତି କବିତା ଓଡ଼ିଆ ସାହିତ୍ୟ କୁ ବଳିଷ୍ଠ କରିଅଛି ।

ରାଧାନାଥ ଙ୍କ ଯୁଗ ସମୟ ରେ ଓଡିଶା ରେ ମିସନାରୀଙ୍କ କାର୍ଯ୍ୟ କଳାପ ଯେତେବେଳେ ସକ୍ରିୟ ହୋଇ ଉଠିଥିଲା ସେତେବେଳେ ଆଧୁନିକ କରଣ ବିଦ୍ୟାଳୟ ପ୍ରତିଷ୍ଠା ସେମାନ ଙ୍କ ପ୍ରଥମ ଲକ୍ଷ ହୋଇ ପଡିଥିଲା, କଟକ ରେ ଆଧୁନିକ ସ୍କୁଲ ଅଠର ଶହ ବାଇଶୀ ମସିହା ରେ ପ୍ରତିଷ୍ଠା ହୋଇଥିଲା, ଦେଶୀୟ ବିଦ୍ୟାଳୟ ରେ - ଭାଷା, ସାହିତ୍ୟ, ଜାତୀୟତା, ଜନ ଜାଗରଣ ପ୍ରତି ଦୃଷ୍ଟି ଦିଆ ଯାଇଥିଲା, ଅଠର ଶହ ସତୁରୀ ମସିହା ବେଳକୁ ଓଡିଶା ରେ ସରକାରୀ ଓ ବେସରକାରୀ ସ୍କୁଲ ସଂଖ୍ୟା ଏକ ଶହ ପ୍ରାୟ ହୋଇ ଯାଇଥିଲା ।

ସତ୍ୟବାଦୀ ଯୁଗ -
ଓଡ଼ିଆ ସାହିତ୍ୟ ରେ ସତ୍ୟବାଦୀ ଯୁଗ (ପଞ୍ଚସଖା ଯୁଗ ) ସାହିତ୍ୟ ରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର ଦାଶ, ପଣ୍ଡିତ କୃପାସିନ୍ଧୁ ମିଶ୍ର, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାଶ ପ୍ରମୁଖ ସତ୍ୟବାଦୀ ବକୁଳ ବନ ବିଦ୍ୟାଳୟ ଗଠନ କରିଥିଲେ, ଏହି ଗୋଷ୍ଠୀ ଙ୍କ ରଚନା ରେ ଆମ ଦେଶ ର ଚଳଣି ରେ ଜାତୀୟତା ବାଦ ଦେଖିବାକୁ ମିଳିଥାଏ, ଏହି କାଳ ରେ ଓଡ଼ିଆ ସାହିତ୍ୟ ର ଇତିହାସ ଓ ଓଡ଼ିଆ ସମାଲୋଚନା ସାହିତ୍ୟ ରଚନା କରାଗଲା ।

ପଣ୍ଡିତ ଗୋଦାବରୀଶ ମିଶ୍ର ଙ୍କ "ନିଆଁଖୁଣ୍ଟା " ପତ୍ରିକା ଓଡିଶା ରେ ବେଶ ପଠନ ଯୋଗୀ ଓ ଜନପ୍ରିୟ ହୋଇ ପାରିଥିଲା, ସେ କାଳ ରେ ସରକାର ଙ୍କ ଦୋଷ ତ୍ରୁଟି ସବୁ କୁ ପଦାରେ ପକାଇ ଦେବାରେ ଏବଂ ଇଂଗ୍ରେଜ଼ ସରକାର ଙ୍କ ବିରୁଦ୍ଧ ରେ ଜାତୀୟତା ବାଦ ର ଉନ୍ମେଷ ପାଇଁ ଏହି ସମୟ ର ରଚନା ସବୁ ବାଟ କଢାଇ ଥିଲା ।
ପଣ୍ଡିତ ଗୋପବନ୍ଧୁ ଦାସ-
ଭାରତୀୟ ସ୍ୱାଧୀନତା ସଂଗ୍ରାମ ରେ ତାଙ୍କ ର ଅନନ୍ୟ ଭୂମିକା, ସେ "ଉତ୍କଳମଣି " ନାମରେ ପରିଚିତ, ତାଙ୍କ ସୃଷ୍ଟି ରେ ଅବକାଶ ଚିନ୍ତା, କାରା କବିତା, ବନ୍ଦୀ ର ଆତ୍ମ କଥା, ଧର୍ମପଦ, ନଚିକେତା ଉପାଖ୍ୟାନ, ଗୋ ମହାତ୍ମ୍ୟ ରେ ଓଡ଼ିଆ ଜାତୀୟତା ଆଦି ପରି ଦୃଷ୍ଟିତ ହୋଇଅଛି ।
ନୀଳକଣ୍ଠ ଦାସ -

ସତ୍ୟବାଦୀ ଯୁଗର ଅନ୍ୟତମ ସାଧକ, ସେ ପ୍ରଥମ ଓଡ଼ିଆ ଭାଷା ବିଜ୍ଞାନୀ, ତାଙ୍କ ସୃଷ୍ଟି -ପ୍ରାଣୟିନୀ, କୋଣାର୍କ, ଖାରବେଳ, ଦାସ ନାୟକ ପ୍ରଭୃତି କବିତା ସହିତ ଓଡ଼ିଆ ଭାଷା ଓ ସାହିତ୍ୟ, ପିଲାଙ୍କ ଭାଗବତ, ଓଡ଼ିଆ ସାହିତ୍ୟ ର କ୍ରମପରିମାଣ ଓଡ଼ିଆ ସାହିତ୍ୟ କୁ ପରିପୃଷ୍ଟ କରିଅଛି ।

ସବୁଜ ଯୁଗ -

ଓଡ଼ିଆ ସାହିତ୍ୟ ରେ ଉଣେଇଶ ଏକୋଇଶିରୁ ଉଣେଇଶ ପାଇଁ ତିରିଶି ମସିହା ପର୍ଯ୍ୟନ୍ତ ସମୟ କୁ ସବୁଜ ଯୁଗ କୁହାଯାଏ, ପୂର୍ବ ସୁରୀ ସତ୍ୟବାଦୀ ସାଧକ ଙ୍କ ଉଗ୍ର ଜାତୀୟତାବାଦୀ ଚିନ୍ତାଧାରା ପରେ ଯୋଉଁ ନୂତନ ସାହିତ୍ୟ ର ଧାରା ଟି ସ୍ୱପ୍ନଳ , ସ୍ୱଚ୍ଛଳ ଓ ଚଳ ଚଞ୍ଚଳ କରିଥିଲା ତାକୁ ବିଭିନ୍ନ ଆଲୋଚକ ସବୁଜ ସାହିତ୍ୟ ନାମରେ ନାମିତ କରିଛନ୍ତି, ଏହି ସମୟରେ ଓଡ଼ିଆ ସାହିତ୍ୟ ରେ ଏକ ନୂତନ ଧାରା ସନ୍ଧାନ ମିଳିଥାଏ, ସେତେବେଳେ ଐତିହାସିକ ରେଭେନ୍ସା କଲେଜ ରେ ଉଦୀୟମାନ ଛାତ୍ର କାଳିନ୍ଦୀଚରଣ ପାଣିଗ୍ରାହୀ, ଅନ୍ନଦା ଶଙ୍କର ରାୟ, ବୈକୁଣ୍ଠ ନାଥ ପଟନାୟକ, ହରିହର ମହାପାତ୍ର, ଶରତ ଚନ୍ଦ୍ର ମୁଖାର୍ଜୀ ପ୍ରମୁଖ ଙ୍କ ଚେଷ୍ଟା ରେ ସବୁଜ ଗୋଷ୍ଠୀ କବି ମାନେ ଯୋଉଁ କବିତା ସାହିତ୍ୟ ରଚନା କରି ଯାଇଥିଲେ, ତାହାକୁ ସବୁଜଧାରା କୁହାଯାଏ ।

ଗୋଟିଏ ସାହିତ୍ୟ ର ଆବିର୍ଭାବ ଗୋଟିଏ ଦିନ ବା ବର୍ଷ ର ନୁହେଁ, ଏହାର ପୃଷ୍ଠ ଭୂମି ରେ ରହିଥାଏ ଏକ ସୁଦୀର୍ଘ ସାହିତ୍ୟ ପରମ୍ପରା, ପ୍ରଥମ ବିଶ୍ୱଯୁଦ୍ଧ ର ହିଂସା ମାନବ ସମାଜ ମଧ୍ୟରେ ନିଜକୁ ଅସହାୟ ଓ ବିପଦ ଗ୍ରସ୍ତ ମନେ କରୁଥିଲେ, ଏ ସମୟ ର କବି ମାନେ ବିଶ୍ୱବାସୀ ଙ୍କ ହୃଦୟ ରେ ସେହ୍ନ ଓ ପ୍ରେମ ର ବନ୍ଧନ କୁ ଜାଗ୍ରତ କରାଇବା ପାଇଁ ସେମାନ ଙ୍କ କଲମ ଚାଳନା ଦ୍ୱାରା କାବ୍ୟ, କବିତା ମାଧ୍ୟମ ରେ ଉଦ୍ୟମଶୀଳ ହେଲେ ।

ଉଣେଇଶ ତେର ମସିହା ରେ ବିଶିଷ୍ଟ ବଙ୍ଗଳା ଲେଖକ ବିଶ୍ୱକବି ରବୀନ୍ଦ୍ର ନାଥ ଠାକୁର ଙ୍କ କବିତା ପୁସ୍ତକ "ଗୀତାଞ୍ଜଳି " ନୋବେଲ ସାହିତ୍ୟ ପୁରସ୍କାର ପାଇବା ପରେ ହଠାତ ଭାରତୀୟ ସାହିତ୍ୟ ରେ ଏକ ଉଦ୍ଦିପନା ଅନୁଭୂତ ହେବାରେ ଲାଗିଲା, ରବୀନ୍ଦ୍ରନାଥ ଙ୍କ ଉଦ୍ୟମ ରେ ବଙ୍ଗଳା ସାହିତ୍ୟ ରେ ଯୋଉଁ ସବୁଜପତ୍ର ପ୍ରକାଶିତ ହୋଉଥିଲା, ତାର ପ୍ରଭାବ ରେ ଓଡିଶା ରେ ସବୁଜ ସାହିତ୍ୟ ର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଥିଲା ।

ସବୁଜ ଗୋଷ୍ଠୀ ଙ୍କ ଦ୍ୱାରା ଉଣେଇଶ ଏକ ତିରିଶି ମସିହା ରେ ଯୋଉଁ "ସବୁଜ କବିତା" ସଂକଳନ ପ୍ରକାଶିତ ହୋଇଥିଲା, ତାହା ଏ ଦେଶ ର ସବୁଜ ଚେତନା ଧାରୀ ତରୁଣ, ତରୁଣୀ ଙ୍କ ଉଦେଶ୍ୟ ରେ ସମର୍ପିତ ହୋଇଥିଲା ।

ସବୁଜ ସ୍ରଷ୍ଟା ଙ୍କ ସୃଷ୍ଟି ରେ ଯେଉଁ ବିଭିନ୍ନ ବୈଶିଷ୍ଟ୍ୟ ଆମେ ପାଇଥାଉ, ସେଗୁଡିକ ହେଲା -ପ୍ରେମବୋଧ, ସେମାନ ଙ୍କ ରଚନା ରେ ମୁଖ୍ୟ ଥିଲା ପ୍ରେମ, ସେମାନଙ୍କ ପ୍ରେମବୋଧ କେତେବେଳେ “ଅଶରିରୀ ନାୟିକା” ଉଦେଶ୍ୟ ରେ ତ କେତେବେଳେ “ଦେହଧାରୀ କୌଣସି ପ୍ରେମିକା” ଉଦେଶ୍ୟ ରେ ସମର୍ପିତ ହୋଇଥାଏ ।

ସବୁଜ ଗୋଷ୍ଠୀ ର କବି ମାନଙ୍କୁ ନାରୀ, ଜଗତ ଓ ପ୍ରକୃତି ର ସୌନ୍ଦର୍ଯ୍ୟ ବହୁ ଭାବରେ ଆକୃଷ୍ଟ କରିଥିଲା, କଳ୍ପନା ଓ ସ୍ୱପ୍ନ ପ୍ରବଣତା ଉକ୍ତ ସ୍ରଷ୍ଟା ମାନଙ୍କ ର ଅନ୍ୟତମ ବିଭବ ।

କାଳିନ୍ଦୀଚରଣ ପାଣିଗ୍ରାହୀ ସବୁଜ ଗୋଷ୍ଠି ର ଜଣେ ଦିଗଗଜ ସାହିତ୍ୟିକ ଥିଲେ, ତାଙ୍କ ସୃଷ୍ଟି ରେ- କବିତା, ଉପନ୍ୟାସ, ଗଳ୍ପ, ନାଟକ, ଜୀବନୀ, ପ୍ରବନ୍ଧ, ଆତ୍ମଜୀବନୀ ଓଡ଼ିଆ ସାହିତ୍ୟ କୁ ବଳିଷ୍ଠ କରିଅଛି, ତାଙ୍କ ଶ୍ରେଷ୍ଠ କୃତି ଉପନ୍ୟାସ "ମାଟିର ମଣିଷ " ଓଡ଼ିଆ ସାହିତ୍ୟ କାହିଁକି ଭାରତୀୟ ସାହିତ୍ୟ ତଥା ବିଶ୍ୱ ସାହିତ୍ୟ ପାଇଁ ଏକ ଅମ୍ଳାନ କୃତି, ଏହା ତାଙ୍କୁ ସାହିତ୍ୟ ଜଗତ ରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଅଛି, କବିତା - ମହାଦୀପ, କ୍ଷଣିକ ସତ୍ୟ, ଛୁରୀ ଟିଏ ଲୋଡ଼ା, ସବୁଜ କବିତା ଆଦି ଓଡ଼ିଆ କବିତା ଜଗତ ରେ ଏକ ଏକ ମାଇଲିଖୁଣ୍ଟି ।

ସବୁଜଯୁଗ ର ସମକାଳୀନ ସାହିତ୍ୟିକ ହେଲେ - କୁନ୍ତଳା କୁମାରୀ ସାବତ, ମାୟାଧର ମାନସିଂହ, ସଚି ରାଉତରାୟ ପ୍ରମୁଖ ।

ମାୟାଧର ମାନସିଂହ ଜଣେ ଶିକ୍ଷାବିତ, କବି, ସମାଲୋଚକ ଭାବରେ ସୁପରିଚିତ,ତାଙ୍କ ରଚିତ 'ଓଡ଼ିଆ ସାହିତ୍ୟର ଇତିହାସ ' ଏକ ଗବେଷଣା ଭିତ୍ତିକ ନିର୍ବନ୍ଧ ।

ଜ୍ଞାନପୀଠ ପୁରସ୍କାର ରେ ବିଭୁଷିତ ସଚି ରାଉତରାୟ ସାହିତ୍ୟ ରେ ମୁକ୍ତ, ଛାନ୍ଦ ପ୍ରାୟୋଗ କରି ଆଧୁନିକ କବିତା ରେ ଏକ ନୂଆ ଯୁଗ ସୃଷ୍ଟି କରିଛନ୍ତି, ତାଙ୍କ "ବାଜି ରାଉତ " କବିତା ପାଇଁ ସେ ବିଶ୍ଵ ବନ୍ଦିତ ।

ଏହି ସମୟରେ ଗାଥା କବି ଥିଲେ ରାଧା ମୋହନ ଗଡ଼ନାୟକ ଓ କୃଷ୍ଣଚନ୍ଦ୍ର ତ୍ରିପାଠୀ ।

**ସ୍ଵାଧୀନତା ପରବର୍ତ୍ତୀ ଆଧୁନିକ ଓଡ଼ିଆ ସାହିତ୍ୟ-**

ଓଡ଼ିଆ ସାହିତ୍ୟ ର ସୁଦୀର୍ଘ ସାରସ୍ଵତ ପରମ୍ପରା ରେ ସ୍ଵାଧୀନତା ପରବର୍ତ୍ତୀ ସମୟରେ ଓଡ଼ିଆ ସାହିତ୍ୟ ର ବିକାଶ ଦିଗରେ ଅନେକ ସାହିତ୍ୟିକ ଙ୍କ ଅବଦାନ ଓଡ଼ିଆ ବାଣୀ ଭଣ୍ଡାର କୁ ସମୃଦ୍ଧି କରିଅଛି ।

ଓଡ଼ିଆ ସାହିତ୍ୟ ରେ ବ୍ୟାସକବି ଫକୀର ମୋହନ ସେନାପତି ଙ୍କୁ ଆଧୁନିକ ଓଡ଼ିଆ ସାହିତ୍ୟ ର ଜନକ ବୋଲି କୁହା ଯାଇଥାଏ, ଗଦ୍ୟ ସାହିତ୍ୟ ର ନିପୁଣ ଦ୍ରଷ୍ଟା ଫକୀରମୋହନ ଙ୍କ ଗଳ୍ପ 'ରେବତୀ ' ଓଡ଼ିଆ ସାହିତ୍ୟ ର ପ୍ରଥମ ଗଳ୍ପ ର ମାନ୍ୟତା ଲାଭ କରିଅଛି

ଗଳ୍ପ -

ଓଡ଼ିଆ କଥା ସାହିତ୍ୟ ର ପ୍ରମୁଖ ଅଙ୍ଗ- ଗଳ୍ପ, ଓଡ଼ିଆ ସାହିତ୍ୟ ର ସୁଦୀର୍ଘ ପରମ୍ପରା ରେ ଅନେକ ଗାଳ୍ପିକ ଙ୍କ ଅବଦାନ ସର୍ବଦା ସ୍ମରଣୀୟ, ସେମାନ ଙ୍କ ମଧରେ ପ୍ରମୁଖ ଗାଳ୍ପିକ ହେଲେ- ଅଖିଳ ମୋହନ ପଟନାୟକ, ଅଚ୍ୟୁତାନନ୍ଦ ପତି, ଅଜୟ ସ୍ଵାଇଁ, ଅନୀଲ କୁମାର ପଢି, ଅଭୟ ବାରିକ, ଅରବିନ୍ଦ ରାୟ, ଇନ୍ଦିରା ଦାଶ, ଉତ୍ତମ କୁମାର ପ୍ରଧାନ, କୃଷ୍ଣଚରଣ ମହାନ୍ତି, କ୍ଷୀରୋଦ ବିହାରୀ ବିଶ୍ଵାଳ, ଗୋଦାବରୀଶ ମହାପାତ୍ର, ଗାୟତ୍ରୀ ସରାଫ, ଗୌରହରି ଦାସ, ଗୌରାଙ୍ଗ ଚରଣ ଦାସ, ଚନ୍ଦ୍ରଶେଖର ଦାସବର୍ମା, ଜଗଦିଶ ମହାନ୍ତି, ଜୟନ୍ତୀ ରଥ, ତରୁଣକାନ୍ତି ମିଶ୍ର, ଦେବଦାସ ଛୋଟରାୟ,ପାରମିତା ଶତପଥି, ବିଭୁତି ପଟନାୟକ, ବିଷ୍ଣୁ ସାହୁ, ବୀଣାପାଣି ମହାନ୍ତି, ଯଶୋଧାରା ମିଶ୍ର, ରତ୍ନାକର ଚଇନି, ରବି ପଟନାୟକ, ରାଜ କିଶୋର ରାୟ, ରାମଚନ୍ଦ୍ର ବେହେରା, ଶାନ୍ତନୁ ଆଚାର୍ଯ୍ୟ, ସରୋଜିନୀ ସାହୁ, ହିରଣ୍ୟମୟୀ ମିଶ୍ର, ହୃଷିକେଶ ପଣ୍ଡା ତଥା ଆହୁରି ଅନେକ ଗାଳ୍ପିକ ଙ୍କ ସୃଷ୍ଟି ଓଡ଼ିଆ ଗଳ୍ପ ସାହିତ୍ୟ କୁ ରୁଦ୍ଧି ବନ୍ତ କରିଅଛି ।

ଉପନ୍ୟାସ-

ଓଡ଼ିଆ ଉପନ୍ୟାସ ସାହିତ୍ୟ କୁ ଔପନ୍ୟାସୀକ ଙ୍କ ଙ୍କ ଅବଦାନ ଅତୁଳନୀୟ,ଏ ଦିଗରେ କିଛି ପ୍ରମୁଖ ବ୍ୟକ୍ତିତ୍ଵ ହେଲେ-

ଉମେଶ ଚନ୍ଦ୍ର ସରକାର ଙ୍କ ଲିଖିତ ଉପନ୍ୟାସ 'ପଦ୍ମାବଳୀ' ପ୍ରଥମ ଓଡ଼ିଆ ଉପନ୍ୟାସ, ଏହା ଅଠର ଶହ ଅଠାଅଶୀ ମସିହା ରେ ପ୍ରକାଶିତ ହୋଇଥିଲା, ଏହାର ଦଶ ବର୍ଷ ପୂର୍ବରୁ ରାମଚନ୍ଦ୍ର ରାୟ ଙ୍କ ଐତିହାସିକ ପୃଷ୍ଠଭୂମି ଆଧାରିତ ଉପନ୍ୟାସ 'ସୌଦାମିନୀ' 'ଉତ୍କଳ ମଧୁପ' ପତ୍ରିକା ରେ ଧାରାବାହିକ ଭାବରେ ପ୍ରକାଶିତ ହୋଉଥିଲା, ଓଡ଼ିଆ ସାହିତ୍ୟ ରେ ଫକୀରମୋହନ ସେନାପତି - ମାମୁଁ, ଲଛମା, ଛ ମାଣ ଆଠଗୁଣ୍ଠ, ଆଦି ଉପନ୍ୟାସ ସହିତ ଗୋପୀନାଥ ମହାନ୍ତି ଙ୍କ ଦାଦାବୁଢ଼ୀ, ପରଜା, ଅମୃତ ର ସନ୍ତାନ, ହରିଜନ, ମାଟି ମଟାଳଆଦି ଓଡ଼ିଆ ଉପନ୍ୟାସ ସାହିତ୍ୟ ର କିମ୍ବଦନ୍ତୀ କୃତି ।

ଓଡ଼ିଆ ଉପନ୍ୟାସ କୁ କାହ୍ନୁ ଚରଣ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ପ୍ରତିଭା ରାୟ, ସଚ୍ଚି ରାଉତରାୟ, ମନୋଜ ଦାସ, ରାମଚନ୍ଦ୍ର ବେହେରା, ଶାନ୍ତନୁ ଆଚାର୍ଯ୍ୟ, ବିଭୁତି ପଟନାୟକ ଙ୍କ ଭଳି କିମ୍ବଦନ୍ତୀ ସାହିତ୍ୟିକ ମାନେ ଓଡ଼ିଆ ଉପନ୍ୟାସ ସାହିତ୍ୟ ରେ କଲମ ଚାଳନା କରି ଗୌରବମୟ କରିଛନ୍ତି ।

କବିତା-

ଓଡ଼ିଆ ସାହିତ୍ୟ ର ପ୍ରମୁଖ ବିଭାଗ କବିତା, କୁହାଯାଏ କବି ରେବ ପ୍ରଜାପତି, ଅର୍ଥ ଭଗବାନ ଙ୍କ ଦ୍ୱିତୀୟ ରୂପ କବି, ନିଜର ମାନସ ପଟରେ ଆଙ୍କି ଦେଇଥିବା ବାର୍ତ୍ତା ହିଁ କବିତା ।

ଓଡ଼ିଆ କାବ୍ୟ, କବିତା ନିଜର ଅସ୍ତିତ୍ୱ ମହାଭାରତ ଯୁଗ ଅର୍ଥାତ ପଞ୍ଚଦଶ ସପ୍ତାଧି ରୁ  ଆନୀତ ବୋଲି ପ୍ରମାଣ କରି ସରିଅଛି, ଚତୁଦଶ ସପ୍ତାଧି ରୁ ଅଷ୍ଟଦଶ ସପ୍ତାଧି ମଧ୍ୟରେ- କାବ୍ୟ, ପୁରାଣ, ଛାନ୍ଦ, ଭଜନ ଆଦି ଓଡ଼ିଆ କାବ୍ୟ ଜଗତ କୁ ଋଦ୍ଧିବନ୍ତ କରିଅଛି ।

ପ୍ରାଚୀନ ଓଡ଼ିଆ କବିତା କ୍ଷେତ୍ର ରେ- ରାଧାନାଥ ରାୟ, ମଧୁସୂଦନ ରାଓ, ଗଙ୍ଗାଧର ମେହେର, ନନ୍ଦକିଶୋର ବଳ, ମାୟାଧର ମାନସିଂହ, ରାଧା ମୋହନ ଗଡ଼ନାୟକ, ଗୋଦାବରୀଶ ମହାପାତ୍ର, ଅନନ୍ତ ପଟନାୟକ, ସଚ୍ଚି ରାଉତରାୟ ପ୍ରମୁଖ ଅନନ୍ୟ କବି, ଆଧୁନିକ ଓଡ଼ିଆ କବିତା କ୍ଷେତ୍ର ରେ- ମାୟାଧର ମାନସିଂହ, ସୀତାକାନ୍ତ ମହାପାତ୍ର, ରମାକାନ୍ତ ରଥ, ଦୀପକ ମିଶ୍ର, ରାଜେନ୍ଦ୍ର କିଶୋର ପଣ୍ଡା, ବ୍ରଜନାଥ ରଥ, ସୌଭାଗ୍ୟ କୁମାର ମିଶ୍ର ଙ୍କ ରଚନା ବଳୀ ବିଶେଷ ପ୍ରଭାବ ପକାଇଛି ।

ନାଟକ-

ନାଟକ ଏକ ସାଂସ୍କୃତିକ ପରମ୍ପରା ର ଦାୟାଦ, ଓଡ଼ିଆ ଜନ ଜାଗରଣ ର ଅନ୍ୟତମ ପ୍ରମୁଖ ସୃଷ୍ଟି ନାଟକ, ଜଗମୋହନ ଲାଲ ଙ୍କ ନାଟକ 'ବାବାଜୀ' (ଅଠର ଶହ ସତସ୍ତୋରୀ ମସିହା )ଓଡ଼ିଆ ସାହିତ୍ୟ ର ପ୍ରଥମ ନାଟକ, ଓଡ଼ିଆ ନାଟ୍ୟ ସାହିତ୍ୟ କୁ ବଳିଷ୍ଠ କରିଥିବା ଅନ୍ୟ ନାଟ୍ୟକାର ହେଲେ- କାଳୀ ଚରଣ ପଟନାୟକ, ରାମଚନ୍ଦ୍ର ମିଶ୍ର, ପ୍ରାଣବନ୍ଧୁ କର, ଗୋପାଳ ଛୋଟରାୟ, ମନୋରଞ୍ଜନ ଦାସ, ବିଶ୍ୱଜିତ ଦାସ, ବିଜୟ ମିଶ୍ର ଙ୍କ ସମେତ ଅନ୍ୟ ନାଟ୍ୟକାର ଙ୍କ ନାଟକ କ୍ଷେତ୍ର ରେ ଅବଦାନ ଅବିସ୍ମରଣୀୟ ।

ବେତାର ନାଟକ ଉଣେଇଶ ସତେଇଶ ମସିହା ରେ ଭାରତୀୟ ବେତାର କେନ୍ଦ୍ର ସ୍ଥାପିତ ହେବାପରେ ଗୋପାଳ ଛୋଟରାୟ, କାଳୀଚରଣ ପଟନାୟକ, ଉଦୟ ନାଥ ମିଶ୍ର ଙ୍କ ପରି ଅନେକ ନାଟ୍ୟକାର ଙ୍କ ନାଟକ ବେତାର ନାଟକ ରେ ସ୍ଥାନ ପାଇଲା ।

ଆକାଶବାଣୀ କଲିକତା ଓ କଟକ ର ଉଦ୍ୟମ କ୍ରମେ ବହୁ ସଂଖ୍ୟକ ପୁରୁଣା ଓ ନୂଆ ନାଟ୍ୟକାର ଲୋକ ପ୍ରିୟତା ଲାଭ କରିଲେ- କାଳୀଚରଣ ପଟନାୟକ,କାଳିନ୍ଦୀଚରଣ ପାଣିଗ୍ରାହୀ, ଲକ୍ଷ୍ମୀକାନ୍ତ ମହାପାତ୍ର,ହରେକୃଷ୍ଣ ମହତାବ,ମାୟାଧର ମାନସିଂହ,ଅଶ୍ୱିନୀ କୁମାର ଘୋଷ, ଭଞ୍ଜ କିଶୋର ପଟନାୟକ, ରାଜକିଶୋର  ରାୟ, ଗୋପାଳ ଛୋଟରାୟ, ସାରଳା ଦେବୀ, ବାସନ୍ତ କୁମାରୀ ଦେବୀ, ବସନ୍ତ ଶତପଥି, ନବକିଶୋର ଦାସ, ସୁବୋଧ ଦାସ, ରଘୁନାଥ ଦାସ, ଯତୀନ ଦାସ, ସୁରେନ୍ଦ୍ର ମହାନ୍ତି, ଯଦୁମଣି କାନୁନଗୋ, ରାମଚନ୍ଦ୍ର ମିଶ୍ର, ରତ୍ନାକର ଚଇନି ପ୍ରମୁଖ ବେତାର ନାଟ୍ୟ ମାଧ୍ୟମରେ ଲୋକ ଙ୍କ ମନୋରଞ୍ଜନ କରିଥିଲେ ।

ମଞ୍ଚ ଯାତ୍ରା/ ଚଳଚିତ୍ର ନାଟକ-

ଓଡ଼ିଆ ରେ ଚଳଚିତ୍ର ଶିଳ୍ପ ଆରମ୍ଭ ହେବା ପରେ ଅନେକ ପଥିତଯଶା କଥାକାର ଙ୍କ ଉପନ୍ୟାସ ନାଟକ ଓ ଚଳଚିତ୍ର ରେ ସ୍ଥାନ ପାଇବା ଆରମ୍ଭ କରିଲା ।

କାଳିନ୍ଦୀଚରଣ ପାଣିଗ୍ରାହୀ ଙ୍କ 'ମାଟିର ମଣିଷ' ପରି କାଳଜୟୀ ଉପନ୍ୟାସ ଚଳଚିତ୍ର ପରଦା ରେ ସିନେମା ରୂପ ନେଲା, ବିଭୁତି ପଟନାୟକ ଙ୍କ ଉପନ୍ୟାସ ' ବଧୂ ନିରୁପମା' ଏକ ସଫଳ ରୂପାନ୍ତରିତ ଚଳଚିତ୍ର, ରାମଚନ୍ଦ୍ର ମିଶ୍ର ଙ୍କ 'ଭାଇ ଭାଉଜ' ଓ ' ଘର

ସଂସାର' ଆଦି ମଞ୍ଚ ନାଟକ ଓଡ଼ିଆ ଚଳଚିତ୍ର ଜଗତ ରେ ବେଶ ଆଦୃତି ଲାଭ କରିଥିଲା, କିଛି ଜଣାଶୁଣା ଚଳଚିତ୍ର ନାଟ୍ୟକାର ଙ୍କ ମଧ୍ୟରେ ଡ଼କ୍ଟର ସୁବୋଧ ପଟନାୟକ ଅନ୍ୟତମ ।

ଭ୍ରମଣ କାହାଣୀ-
ଉନବିଂଶ ସତାଧି ରେ ଓଡ଼ିଆ ଭ୍ରମଣ କାହାଣୀ କୁ ଓଡ଼ିଆ ସାହିତ୍ୟ ରେ ଶୁଭାରମ୍ଭ ହୋଇଥିବା ଲକ୍ଷ କରାଯାଏ, ଗୋବିନ୍ଦ ଚନ୍ଦ୍ର ରଥ ପ୍ରଥମ ଭ୍ରମଣ କାହାଣୀ ଜନିତ ସ୍ୱ ଅନୁଭୂତି କୁ ନେଇ ଦୁଇଟି ପୁସ୍ତକ କରିଛନ୍ତି ଯଥା- କଟକ ଦର୍ଶନ ଓ କଲିକତା ବର୍ଣ୍ଣନା (ଅଠର ଶହ ପଞ୍ଚସ୍ତରୀ ମସିହା ରେ), ଅନେକ ଭ୍ରମଣ ସାହିତ୍ୟ କାର ନିଜ ନିଜର ଭ୍ରମଣ କୁ ସାହିତ୍ୟ ରେ ସ୍ଥାନ ଦେଇ ଓଡ଼ିଆ ସାହିତ୍ୟ କୁ ରୁଦ୍ଧିବନ୍ତ କରିଛନ୍ତି ।

**ଓଡ଼ିଆ ସାହିତ୍ୟ ରେ ଉତ୍ତର ଆଧୁନିକତା-**

ଓଡ଼ିଆ ସାହିତ୍ୟ ରେ ଉତ୍ତର ଆଧୁନିକତା ର ଇତିହାସ ଦୀର୍ଘ ପଇଁଚାଳିଶ ବର୍ଷ (ଉଣେଇଶ ଅଶୀ ଠାରୁ ଅଦ୍ୟାବଧି ଦୁଇ ହଜାର ପଚିଶ ମସିହା) ବୋଲି କେତେକ ଙ୍କ ମତ, ଉତ୍ତର ଆଧୁନିକ ସାହିତ୍ୟ ର ଉନ୍ମେଶ ଓ ବିକାଶ, ଉତ୍ତର ଆଧୁନିକ ସାହିତ୍ୟ ପୂର୍ବବର୍ତ୍ତୀ ସାହିତ୍ୟ ଠାରୁ ଭିନ୍ନତା ର ରୂପରେଖ, ଉତ୍ତର ଆଧୁନିକତା ସାହିତ୍ୟ ର ସ୍ୱତନ୍ତ୍ର ବୈଶିଷ୍ଟ୍ୟ କିପରି ଜନମାନସ କୁ ପ୍ରଭାବିତ କରୁଅଛି, ଉତ୍ତର ଆଧୁନିକ ଯୁଗ ର ସାରସ୍ୱତ ସାଧକ ମାନେ ସେମାନଙ୍କ ଉତ୍ତର ଆଧୁନିକ ସାହିତ୍ୟ ର ବିକାଶ ର ପ୍ରଗତି ପାଇଁ ସାମୁହିକ ଅବଦାନ କଣ ?

ଉତ୍ତର ଆଧୁନିକ ଓଡ଼ିଆ କବିତା ର ବିକାଶ ପଛରେ ଅନ୍ୟ ଯୋଉଁ କାରଣ ଅଛି ତାହା ହୋଉଛି କବି- କାବିକ୍ୟ କ୍ଲାନ୍ତି, ଅନେକ କବି ଲେଖିବାକୁ ଚାହୁଁ ନଥିଲେ ମଧ୍ୟ ପାଠକ ଙ୍କ ବାଧ୍ୟ ବାଧକତା ତାଙ୍କୁ ସୃଷ୍ଟିଶାଳୀ କରାଇଛି, ଏଦିଗରେ- ରମାକାନ୍ତ ରଥ ଙ୍କ ' ସଚିତ୍ର ଅନ୍ଧାର' ଏହାର ନିଚ୍ଛକ ଉଦାହରଣ, ତେଣୁ ସେ ଆପଣା ର କାବ୍ୟକ କୌଶଳ କୁ ବଦଳାଇ ବାକୁ ବାଧ୍ୟ ହୋଇଛନ୍ତି, ତାଙ୍କ ମନୋରମ ପରିସର କୁ ଗତିଶୀଳ କରାଇଛି କବିତା-"ଶ୍ରୀ ରାଧା " ।
କବି ସୀତାକାନ୍ତ ମହାପାତ୍ର ଙ୍କ କବିତା- 'ଅଷ୍ଟପଦୀ' ରେ ଗ୍ଲାନି, ହତାଶ, ମୃତ୍ୟୁ ଜନିତ ଦୁର୍ବିପାକ ରେ ହନ୍ତସନ୍ତ ହୋଇ ବନ୍ଧୁ, ଜ୍ଞାତି କୁଟୁମ୍ବ, ପରିବାର ଶାନ୍ତ କୋମଳ ପରିବେଶ କୁ ଆଦରି ନେଇଛନ୍ତି ।
କବି ସୌଭାଗ୍ୟ କୁମାର ମିଶ୍ର ଙ୍କ କବିତା-'ମଧ୍ୟ ପଦଲୋପୀ' ରେ ନିରସ ଗଦ୍ୟ ର ଅଣ ରୋମାଣ୍ଟିକ ଆବର୍ତ୍ତନ ରୁ ସଙ୍ଗୀତ ର ବିପୁଳ ମାଧୁଯ୍ୟ ଆଡକୁ ଗତି କରିଅଛି, ସେମାନ ଙ୍କ କବିତା ରେ ପଶ୍ଚାତ୍ୟ ଛାପ ନାହିଁ, ରହିଛି ଓଡ଼ିଆ ସାରସ୍ୱତ ଚେତନା ର ପ୍ରତିଦ୍ବନ୍ଦୀ ।

ଉତ୍ତର ଆଧୁନିକ ସାହିତ୍ୟ ପୂର୍ବବର୍ତ୍ତୀ ସାହିତ୍ୟିକ ଙ୍କ ଠାରୁ କେଉଁ ପରି ଭିନ୍ନ ଓ ସେ ଭିନ୍ନତା ର ରୂପରେଖ କିପରି, ଉତ୍ତର ଆଧୁନିକତା ର ଭିନ୍ନତା ହେଉଛି ଅଗ୍ରଜ କବିଙ୍କ ଅନୁସୃତ ଆଧାର ରୁ ନିଜକୁ ପୃଥକ ରଖିବାର ଉପାୟ, ଉତ୍ତର ଆଧୁନିକ ଓଡ଼ିଆ ସାହିତ୍ୟ ଜୀବନ ଓ ଅନୁଭୂତି ସହ ଏକ ଅଭେଦ୍ୟ ସମ୍ପର୍କ ଯୋଡି ସାହିତ୍ୟ କୁ ଏକ ଲୋଭନୀୟ ବ୍ୟାପକତା ଯୋଗାଉଛି, ଉତ୍ତର ଆଧୁନିକ କାବ୍ୟ ପୁରୁଷ ପ୍ରେମ ରେ ଦୈହିକ ବ୍ୟଭିଚାର ଅପେକ୍ଷା ନିଷ୍କପଟ କୁଳାଚାର କୁ ବେଶୀ ପସନ୍ଦ କରିଛି ବୋଲି କୁହା ଯାଇ ଅଛି, ଏ ଦିଗରେ  ପ୍ରସନ୍ନ ପାଟଶାଣୀ ଙ୍କ 'ଦେଖା ହେଲେ କହିବି ସେ କଥା', ନୃସିଂହ ତ୍ରିପାଠୀ ଙ୍କ ଯଶୋଧାରା, ପ୍ରଣୟ ପରମଦେବ, ସେନାପତି ପ୍ରାଦ୍ୟୁମ୍ନକେଶରୀ ଙ୍କ ଅହଲ୍ୟା, ଗୁରୁପ୍ରସାଦ ମହାନ୍ତି ଙ୍କ କାଳପୁରୁଷ, ସୀତାକାନ୍ତ ମହାପାତ୍ର ଙ୍କ ଅଷ୍ଟପଦୀ, ପ୍ରସନ୍ନ ମହାନ୍ତି ଙ୍କ ଶବ୍ଦଖେଳ ଆଦି କବିତା ସଂକଳନ ବିଶେଷ ପ୍ରଣିଧାନ ଯୋଗ୍ୟ ଏମାନଙ୍କ ବ୍ୟତୀତ ଆଦିକନ୍ଦ ସାହୁ, ଅମରେଶ ପଟନାୟକ, ମମତା ଦାସ, ଅଶ୍ୱିନୀ ମିଶ୍ର, ଆଶୁତୋଷ ପରିଡ଼ା, ଶତ୍ରୁଘ୍ନ ପାଣ୍ଡବ, ଅଜୟ ପ୍ରଧାନ, ଶ୍ରୀହରି ଧଳ, ସୁନୀଲ ପୃଷ୍ଟି, ଗିରିବାଳା ମହାନ୍ତି, ଗିରିଜା ଶଙ୍କର ବଳିୟାର ସିଂହ, ସୁଚେତା ମିଶ୍ର, ପ୍ରବାସିନୀ ମହାକୁଡ଼, ହୃଦାନନ୍ଦ ପାଣିଗ୍ରାହୀ, ସୌଭାଗ୍ୟବନ୍ତ ମହାରଣା, ବସନ୍ତ ମୁଦୁଲି,  ମନୋଜ ମେହେର ଙ୍କ ନାମ ଉଲ୍ଲେଖ ଯୋଗ୍ୟ, ଏମାନେ ସମାଜ ସହିତ ତାଳ ଦେଇ ଓଡ଼ିଆ କବିତା ରଚନା କରିଛନ୍ତି ।କେତେକ ଙ୍କ ମତରେ ନୂତନତା ଓ ସତେଜତା ସୃଷ୍ଟି କରିବା ଉତ୍ତର ଆଧୁନିକ ଓଡ଼ିଆ ସାହିତ୍ୟ ର ଲକ୍ଷ୍ୟ,

ସାହିତ୍ୟ ହିଁ ସଭ୍ୟତା ର ଉଜ୍ଜ୍ୱଳ ସ୍ୱାକ୍ଷର, ସମାଜ ର ପ୍ରତେକ ଟି ଚିତ୍ର ସାହିତ୍ୟ ରେ ପ୍ରତିଫଳିତ ହେଲେ ସାହିତ୍ୟ ସାର୍ବଜନୀନ ସ୍ୱୀକୃତି ଲାଭ କରିଥାଏ ।

ଓଡ଼ିଆ ସାହିତ୍ୟ ରେ ଉତ୍ତର ଆଧୁନିକତା ରେ ଗଳ୍ପ ଓ ଉପନ୍ୟାସ ଦିଗରେ ମଧ ବହୁ ଅସ୍ପଷ୍ଟ ଚିତ୍ର ପୂର୍ବେ ପ୍ରଦାନ କାରା ଯାଇଥିଲେ ହେଁ ନୂତନ ଲେଖା ରେ ସେହିଭଳି ପ୍ରଚେଷ୍ଟା ନାହିଁ, ପାରମ୍ପରିକ ଗଳ୍ପ ଓ ଉପନ୍ୟାସ ରେ ପୁରାତନ ମିଥ୍ ଓ ସ୍ଥାୟୀ ପ୍ରତୀକ ର ବହୁଳ ବ୍ୟବହାର ହେଉଥିଲେ ହେଁ ଉତ୍ତର ଆଧୁନିକ କୁହା ଯାଉଥିବା ଗଳ୍ପ ଓ ଉପନ୍ୟାସ ରେ ସମ ସାମୟିକ ମିଥ୍ ଓ ପ୍ରତୀକ ସବୁର ସମନା କରୁଅଛି, ପୂର୍ବ ସମୟ ରେ ପ୍ରବନ୍ଧ, ଗଳ୍ପ, ଉପନ୍ୟାସ ରେ ରାଷ୍ଟ୍ରୀୟ ଚିନ୍ତାଧାରା ପ୍ରତିଫଳିତ ହୋଇଥିଲେ ହେଁ ଆଜି ବ୍ୟକ୍ତି ଚିନ୍ତାଧାରା ଓ ରାଷ୍ଟ୍ରୀୟ ଚିନ୍ତାଧାରା ର ସଂଘର୍ଷ ପ୍ରତିଫଳିତ ।
ସମ୍ପ୍ରତି ରାମଚନ୍ଦ୍ର ବେହେରା, ଶ୍ୟାମପ୍ରସାଦ ଚୌଧୁରୀ, ଜଗନ୍ନାଥ ଦାସ, ହୃଶୀକେଶ ପଣ୍ଡା, ପଦ୍ମଜା ପାଳ, ପ୍ରଫୁଲ୍ଲ ତ୍ରିପାଠୀ, ଜଗଦିଶ ମହାନ୍ତି, ଯଶୋଧରା ମିଶ୍ର, ତରୁଣକାନ୍ତି ମିଶ୍ର, ସତ୍ୟ ମିଶ୍ର, ସୁରେଶ ଶତପଥୀ, ଅଶୋକ ଚନ୍ଦନ, ପରେଶ ପଟନାୟକ, ବିଷ୍ଣୁ ସାହୁ, ଜ୍ୟୋତି ନନ୍ଦ, ସନ୍ତୋଷ ସ୍ୱାଇଁ ଓ ଅନ୍ୟମାନେ ଆଧୁନିକ ଗଳ୍ପ ର ନାମି କଥାକାର ।

ଉତ୍ତର ଆଧୁନିକ ପ୍ରବନ୍ଧ ରଚନା ଦିଗରେ ଯେଉଁ ମାନେ ଖ୍ୟାତି ଅର୍ଜନ କରିଛନ୍ତି ସେମାନେ ହେଲେ- ବୈଷ୍ଣବ ଚରଣ ସାମଲ, ଦାଶରଥି ଦାସ, ବାବାଜୀ ପଟନାୟକ, ଚିତ୍ତ ରଞ୍ଜନ ମିଶ୍ର, ଦାସ ବେନୁହୁର, ଅସିତ ମହାନ୍ତି, ଆଦିକନ୍ଦ ସାହୁ, ପଞ୍ଚାନନ ମହାନ୍ତି, ଶୈଳଜ ରବି, ଅଲେଖ ଚନ୍ଦ୍ର ପଢିଆରୀ, ଉଦୟନାଥ ସାହୁ, ବିଷ୍ଣୁପ୍ରିୟା ଓତା, ପ୍ରଫୁଲ୍ଲ କୁମାର ମହାନ୍ତି, ଉପେନ୍ଦ୍ର ବିଶ୍ୱାଳ ଏବଂ ଆହୁରୀ ଅନେକ, ଏହି ପ୍ରାବନ୍ଧିକଙ୍କ ମଧ୍ଯରୁ କେତେକ ଉତ୍ତର ଆଧୁନିକତାକୁ ଆପଣେଇ ନେଇଛନ୍ତି ତାହା ନିର୍ଣ୍ଣୟ କରିବା ଏତେ ସହଜ ନୁହେଁ ।
ଉତ୍ତର ଆଧୁନିକ ଓଡ଼ିଆ ନାଟକ, ଏକାଂକ୍ଷୀକା ମଧରେ ନୀଳାଦ୍ରି ଭୂଷଣ ହରିଚନ୍ଦନ, ବିଜୟ ମିଶ୍ର, ଚନ୍ଦ୍ରଶେଖର ନନ୍ଦ, ବିଜୟ ଶତପଥି, ଦିଲେଶ୍ୱର ମହାରଣା, ଦୀନେଶ ଦାସ, ନାରାୟଣ ସାହୁ ଅନ୍ୟମାନେ ସୁନାମ ଅର୍ଜନ କରିଛନ୍ତି ।

ଉତ୍ତର ଆଧୁନିକ ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ- ମହାପାତ୍ର ନୀଳମଣି ସାହୁ, ବିଭୁତି ପଟନାୟକ, କୃଷ୍ଣପ୍ରସାଦ ମିଶ୍ର, ଶାନ୍ତନୁ କୁମାର ଆଚାର୍ଯ୍ୟ, ପ୍ରତିଭା ରାୟ ପ୍ରଭୃତି ଙ୍କ ନାମ ଉଲ୍ଲେଖ ଯୋଗ୍ୟ, ଏହିସବୁ ଲେଖକ ଙ୍କ ମୃଷ୍ଟିମୟ ରଚନା ଓ ତାର ଆଭିମୁଖ୍ୟ ସମ୍ପର୍କ ରେ କୌଣସି ଅଭିମତ ଦେବା ସମ୍ଭବପର ନୁହେଁ ।
ଏତଦ ବାଦ ହିନ୍ଦୀ, ଇଂରାଜୀ, ବଙ୍ଗଳା ପ୍ରଭୃତି ଭାଷା ରୁ ଓଡ଼ିଆ ଲେଖକ ଗୋଲକ ବିହାରୀ ଧଳ, ଉଦୟନାଥ ଷଡ଼ଙ୍ଗୀ, ରାମକୃଷ୍ଣ ନନ୍ଦ, ଶ୍ରୀନିବାସ ଉଦଗାତା ପ୍ରଭୃତି ଙ୍କ ଦ୍ୱାରା ବହୁ ବିଦେଶୀ ଉପନ୍ୟାସ ଓଡ଼ିଆ ଭାଷା ରେ ଅନୁବାଦ ହୋଇଅଛି ।
ଉତ୍ତର ଆଧୁନିକତା କୁ ନେଇ ବ୍ୟସ୍ତ ହେବାର କାରଣ ନାହିଁ, ଏଥିରେ କୌଣସି ଆଦର୍ଶ ର ସ୍ଥାନ ନାହିଁ, ବିଚାରଧାରା କୁ ଉତ୍ତର ଆଧୁନିକତା ସ୍ୱୀକାର କରେ ନାହିଁ, ଓଡ଼ିଆ ସାହିତ୍ୟ ରେ ଉତ୍ତର ଆଧୁନିକତା ର ବିଚାର ବିମର୍ଶ ଦୀର୍ଘ ଚାରି ଦଶନ୍ଧି ଧରି ହୋଇ ଆସିଛି, ଏହାଦ୍ୱାରା ସାହିତ୍ୟ କୁ ତାର ସ୍ୱାୟତ୍ତ କେନ୍ଦ୍ର ରୁ ଦୁରେଇ ଦିଆ ଯାଉଅଛି, ଏହା ସତ୍ୟ ଯେ ସାହିତ୍ୟ ବିନା ମଣିଷ ର ମୁକ୍ତି ନାହିଁ, ସାହିତ୍ୟ ବିଚାର ଧାରା ରେ ପ୍ରଭାବିତ ହୁଏ ସତ, ମାତ୍ର ଯଦି ତାହା ମଣିଷ ମୁକ୍ତି ମାର୍ଗ କୁ ଅବରୋଧ କରିଦିଏ, ତେବେ ମଧ ସାହିତ୍ୟ ସେହି ବିଚାର ଧାରା କୁ ଅସ୍ୱୀକାର କରିଦିଏ ।

ବାସ୍ତବିକ ଆମ ଶାସ୍ତ୍ରୀୟ ଓଡ଼ିଆ ଭାଷା ଓ ସାହିତ୍ୟ ଦୀର୍ଘ ହଜାର ହଜାର ବର୍ଷ ର ନିରବଛିନ୍ନ ସାଧକ ଙ୍କ ସାଧନା ଫଳଶ୍ରୁତି କାଳଜୟୀ ରଚନା ଦ୍ୱାରା ଓଡ଼ିଆ ସାହିତ୍ୟ ର ସୁଦୀର୍ଘ ପରମ୍ପରା ଭାରତୀୟ ସାହିତ୍ୟ ତଥା ବିଶ୍ୱ ସାହିତ୍ୟ କୁ ପ୍ରତିଫଳିତ କରିଅଛି କହିଲେ ଭୁଲ ହେବ ନାହିଁ, ଆମ ଓଡ଼ିଆ ସାହିତ୍ୟ କୁ ପରିପୃଷ୍ଟ କରିବା ଦିଗରେ ଅନେକ ମନୀଷୀ ଙ୍କ ଅବଦାନ ସହିତ ଓଡ଼ିଆ ଅଧାପକ, ଅଧାପିକା, ଓଡ଼ିଆ ଶିକ୍ଷକ, ଶିକ୍ଷୟିତ୍ରୀ ଙ୍କ ସ୍ୱ ରଚନା ଲେଖା ସହିତ ସାଧାରଣ ଲୋକ ଙ୍କ ଠୁ ଆରମ୍ଭ କରି ଯୁବ ସାଧକ ଙ୍କ ରଚନା ଆମ ଓଡ଼ିଆ ସାହିତ୍ୟ କୁ ଅମର କରି ରଖିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

## ଡ଼କ୍ଟର ସୁବାଷ ନାୟକ ଙ୍କ ପରିଚୟ-

ଭାରତୀୟ ମୁକ୍ତି ସଂଗ୍ରାମ ର ଅନନ୍ୟ କ୍ଷେତ୍ର ଭୁବନ, ଏସିଆ ମହାଦେଶ ର ସବୁଠାରୁ ବଡ଼ ଗାଁ, ବର୍ତ୍ତମାନ ର ଦୀର୍ଘ ପଚାଶ ବର୍ଷ ର ସହର, ଭାରତୀୟ ସ୍ୱାଧୀନତା ର ସର୍ବକନିଷ୍ଠ ଶହୀଦ ବୀର ବାଜିରାଉତ ଙ୍କ ଗାଁ ଭୁବନ ।

ଭୁବନ ର ଶିଳ୍ପ, ପର୍ଯ୍ୟଟନ, ସାହିତ୍ୟ, କଳା, ସଂସ୍କୃତି ବିଶ୍ୱବିଦିତ, ଏଠାକାର ଶିଳ୍ପୀ ଙ୍କ ଯାଦୁ ରେ କଂସା, ପିତଳ ଶିଳ୍ପ ଦେଶ ଓ ବିଦେଶ ରେ ସୁନାମ ଅର୍ଜନ କରିଅଛି, ଶିଳ୍ପୀ ଙ୍କ କାଠ ଖୋଦେଇ କଳା ଓଡିଶା ତଥା ଭାରତ ବର୍ଷ ରେ ପ୍ରସିଦ୍ଧ ଲାଭ କରିଅଛି, ଗଣପର୍ବ ଐତିହାସିକ ଦଶହରା ଓ ବଳଦ ଯାତ୍ରାଭାରତୀୟ ସଂସ୍କୃତି ର ଏକ ଝଲକ - ପଶୁ ଓ ମାନବ ର ନିଆରା ସମ୍ପର୍କ -, ଏଠାକାର ସାହିତ୍ୟିକଙ୍କ କଲମ ମୁନର ସ୍ୱର୍ଶ  ଓଡ଼ିଆ ତଥା ଭାରତୀୟ ସାହିତ୍ୟ କୁ ରୁଦ୍ଧିବନ୍ତ କରିଅଛି, ଆରାଧ୍ୟ ଦେବତା ବାବା ବୁଦ୍ଧେଶ୍ୱର ଙ୍କ ପୀଠ ପର୍ଯ୍ୟଟନ ର ମାନ୍ୟତା ପାଇଅଛି, ପାହାଡ଼, ପର୍ବତ, ବ୍ରାହ୍ମଣୀ ନଦୀ ତଟରେ ଅବସ୍ଥାପିତ ଭୁବନ ର ପରିବେଶ ଖୁବ ମନୋରମ  ।

ଐତିହାସିକ ଭୁବନ ର ଛତିଶ ପାଟକ ର ଲୋକ ବସବାସ କରନ୍ତି, ଏଠିକାର ପ୍ରମୁଖ ଅଧିବାସୀ କାପୁଡିଆ ପାଟକ, ଏ ସମାଜ ର ଏକ ପ୍ରତିଷ୍ଠିତ ପରିବାର ନାୟକ ପରିବାର, ସଂସ୍କୃତି ସମ୍ପର୍ଣ୍ଣ ପରିବାର ରେ ସୁବାଷ ଙ୍କ ଜନ୍ମ  ।

ନାୟକ ବଂଶଲତା

ଦାସ ନାୟକ

ପଠାଣି ନାୟକ

ବଳରାମ ନାୟକ

ବାବାଜୀ ନାୟକ    ନାରାୟଣ ନାୟକ   ଲବଣୀ ଗୁରୁ

ଦୁଃଶାସନ  ବେଙ୍ଗୁଲି  ଭୀମସେନ  ରାମଚନ୍ଦ୍ର  ଭାଗବତ

ରାମଚନ୍ଦ୍ର ନାୟକ

ଜୟନ୍ତୀ    ସୁବାଷ   ପ୍ରକାଶ    ମାନସ

ସୁବାଷ ନାୟକ

ତେଜସ୍ୱିନୀ ( ଲକି)
ତପସ୍ୱିନୀ ( ମିକି )

ସୁବାଷ ଙ୍କ ଜେଜେ ବାପା ବାବାଜୀ ନାୟକ ଥିଲେ ଜଣେ ବିଶିଷ୍ଟ ବ୍ୟବସାୟୀ, କାମାକ୍ଷାନଗର କଙ୍କଡାହାଡ଼ ର ମରୁଆବିଲ ଗାଁ ରୁ ସୁଦୂର କଟକ ସହର କୁ ଶଗଡ଼ ଯୋଗେ ତୁଳା ବ୍ୟବସାୟ କରୁଥିଲେ, ସେଥିରୁ ତକିଆ ଓ ଗଦି ନିର୍ମାଣ ହୋଉଥିଲା ।

ସାନ ଜେଜେ ବାପା ନାରାୟଣ ନାୟକ ମଧ୍ୟ ଲୁଗା ବ୍ୟବସାୟୀ ଥିଲେ, ସେ ଭୁବନ ଗ୍ରାମ ପଞ୍ଚାୟତ ଗଠନ କରି ପ୍ରତିଷ୍ଠାତା ୱାର୍ଡମେମ୍ବର ନିର୍ବାଚିତ ହୋଇ ଲୋକ ଙ୍କ କାମ କରିବା ସହିତ ଭୁବନ ପ୍ରାଥମିକ ସେବା ସମବାୟ ସମିତି ର ( ଗ୍ରୀନ ଗୋଲ୍ଲା) ପ୍ରତିଷ୍ଠାତା ସମ୍ପାଦକ ଭାବରେ କୃଷକ ଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିଥିଲେ ।

ସୁବାଷ ଙ୍କ ବାପା ରାମଚନ୍ଦ୍ର - ନାୟକ ଏକ ବହୁମୁଖୀ ପ୍ରତିଭା ସହିତ ଭୁବନ ଜନମାନସ ର ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ , ଜଣେ କାଠଶିଳ୍ପୀ, ରାଜନେତା ତଥା ସମାଜସେବୀ ଭାବରେ ତାଙ୍କ ସୁଖ୍ୟାତି ରହିଅଛି, ଜଣେ ସୁଦକ୍ଷ କାଠ କାରିଗର ଭାବରେ କାଠ ଖୋଦେଇ ଖଟ, ପଲଙ୍କ, ଡ୍ରେସଙ୍ଗ ଟେବୁଲ, ଆଲମିରା, ସୋଫାସେଟ ନିର୍ମାଣ ରେ ସିଦ୍ଧ ହସ୍ତଥିଲେ, ତାଙ୍କ ହସ୍ତ ର କାଠ ସମଗ୍ରୀ ଭୁବନ ସହିତ, ଢେଙ୍କାନାଳ ଜିଲ୍ଲା ତଥା ଓଡିଶା ର ବିଭିନ୍ନ ଜିଲ୍ଲା ରେ ଲୋକ ଙ୍କ ଘରେ ରହିଅଛି ଭୁବନ ର ବିବାହିତା ଝିଅ ମାନେ ) ( ନିଜ ଭାର ରେ ଏ କାଠ ସମଗ୍ରୀ ନେଇଥାନ୍ତି ।

ଶ୍ରୀ ନାୟକ ଜଣେ ବରିଷ୍ଠ ଶିଳ୍ପୀ ପ୍ରଶିକ୍ଷକ, ଓଡିଶା ସରକାର ଙ୍କ ଦ୍ୱାରା ଇନଷ୍ଟେକଟର ଭାବରେ ନିଯୁକ୍ତି ପାଇ ଅନେକ ଯୁବ ଶିଳ୍ପୀ ଙ୍କୁ ପ୍ରଶିକ୍ଷଣ ଦେଇ ଶିଳ୍ପୀ ଭାବରେ ତିଆରି କରିଛନ୍ତି, ନିଜ ର କଳା କୃତି ପାଇଁ ବିଭିନ୍ନ ଅନୁଷ୍ଠାନ ରୁ ସଂମ୍ମାନୀତ, ଢେଙ୍କାନାଳ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଶ୍ରେଷ୍ଠ ଶିଳ୍ପୀ ସଂମ୍ମାନ “ମହିମା ହସ୍ତକଳା” ସଂମ୍ମାନ ରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ଦ୍ୱାରା ସେ ପୁରସ୍କୃତ ।

ଭୁବନ ରେ କାରିଗର ସମାଜ ଙ୍କ ବିକାଶ ପାଇଁ ସେ ଭୁବନ କାରିଗର ବହୁମୁଖୀ ସେବା ସମବାୟ ସମିତି ଲିଃ ଗଠନ କରି ପ୍ରତିଷ୍ଠାତା ଡ଼ାଇରେଟର ସହିତ ପରବର୍ତ୍ତୀ ସମୟରେ ସଭାପତି ଭାବରେ ନିର୍ବାଚିତ ହୋଇଥିଲେ, ଶ୍ରୀ ନାୟକ ପିଲା ଟି ଦିନରୁ ବାପା ଙ୍କୁ ହରାଇ ମାତ୍ର ଦଶ ବର୍ଷ ରୁ କାଠ କାମ କୁ ବୃତ୍ତି ଭାବରେ ଗ୍ରହଣ କରି ସତୁରୀ ବର୍ଷ ର ଅଭିଜ୍ଞତା ସମ୍ପର୍ଣ୍ଣ କାଠଶିଳ୍ପୀ ।

ରାଜନେତା ରାମଚନ୍ଦ୍ର ନାୟକ-
ଭାରତୀୟ ରାଜନୀତି ରେ କଂଗ୍ରେସ ବିରୋଧି ରାଜନେତା ଭାବରେ ତାଙ୍କ ସୁଖ୍ୟାତି ରହିଅଛି, ଦୀର୍ଘ ପଚାଶ ବର୍ଷ ର ରାଜନେତା ରୁ ସ୍ୱେଚ୍ଛାକୃତ ଅବସର ନେଇ ଯୁବ ପିଢ଼ି ଙ୍କ ମାର୍ଗଦର୍ଶକ ହୋଇଛନ୍ତି ।

ଐତିହାସିକ ଭୁବନ ଗାଁ ରୁ ଭୁବନ ସହର ହେବା ଉଣେଇଶ ବାସ୍ତରୀ)ମସିହା ପରେ ଭୁବନ ଏନଏସି ର ପ୍ରଥମ ନିର୍ବାଚନ ( ରେ କାଉନସିଲର ଭାବର ନିଜ ପନ୍ଦର ନମ୍ବର ୱାର୍ଡ ରୁ ପ୍ରତି( ଉଣେଇଶ ଚୌସ୍ତୋରୀ ମସିହା)ଦ୍ୱନ୍ଦୀତା କରିଥିଲେ, ମାତ୍ର ନିଜ ଦାଦା ନାରାୟଣ ନାୟକ ଙ୍କ ସାନପୁଅ ଆନନ୍ଦ ନାୟକ ଙ୍କ ପାଇଁ ସେ ପ୍ରାର୍ଥୀତ୍ୱ ରୁ ଓହରି ଆସିଲେ, ସେ ୱାର୍ଡ ରୁ ଜଗନ୍ନାଥ ଗୁରୁ ବିଜୟୀ ହେଲେ ଓ ଭୁବନ ଗାଁ ର ଶେଷ ସରପଞ୍ଚ ଶ୍ରୀ ହରିହର ମିଶ୍ର ଭୁବନ ସହର ର ନିର୍ବାଚିତ କାଉନସିଲର ଙ୍କ ଦ୍ୱାରା ପ୍ରଥମ ନଗରପାଳ ବିଜୟୀ ହେଲେ ।

ଶ୍ରୀ ନାୟକ ଙ୍କ ରାଜନୈତିକ ଜୀବନ ଆରମ୍ଭ ହେଲା, ତତ କାଳୀନ କଂଗ୍ରେସ ଦଳ ନେତ୍ରୀ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଙ୍କ ନିର୍ବାଚନ କୁ ମାନ୍ୟବର କୋର୍ଟ ଅସିଦ୍ଧ ଘୋଷଣା କରିବାରୁ ପ୍ରଧାନମନ୍ତ୍ରୀ ଗାନ୍ଧୀ ରାଷ୍ଟ୍ରପତି ଙ୍କ ଦ୍ୱାରା ଦେଶ ରେ ଜରୁରୀ କାଳୀନ ପରିସ୍ଥିତି ଘୋଷଣା କରିଲେ( ଉଣେଇଶ ପଞ୍ଚସ୍ତୋରୀ ମସିହା), ଏ ସମୟରେ ଦେଶ ରେ ଲୋକନାୟକ ଜୟ ପ୍ରକାଶ ନାରାୟଣ, ଅଟଳବିହାରୀ ବାଜପାୟୀ, ଲାଲକୃଷ୍ଣ ଆଡ଼ଭାନୀ ଙ୍କ ନେତୃତ୍ୱ ରେ ଭାରତୀୟ ଜନସଙ୍ଘ ରୁ ରୂପାନ୍ତରିତ ଜନତା ପାର୍ଟି ରେ କାମାକ୍ଷାନଗର ର ଯୁବ ନେତା ପ୍ରସନ୍ନ ପଟନାୟକ ଙ୍କ ନେତୃତ୍ୱ ରେ ଶ୍ରୀ ନାୟକ ସକ୍ରିୟ ଅଂଶ ଗ୍ରହଣ କରିଥିଲେ,କଂଗ୍ରେସ ସରକାର ପୋଲିସ ଙ୍କ ଦ୍ୱାରା ସମଗ୍ର ଦେଶ ରେ ନେତା ଙ୍କୁ ଗିରଫ କରି ଉଣେଇଶ ମାସ ଜେଲ ରେ ରଖିଲେ, ପ୍ରସନ୍ନ ପଟନାୟକ ଜେଲ ଗଲେ ମାତ୍ର ନୂତନ ବିବାହିତ ଯୁବନେତା ରାମଚନ୍ଦ୍ର ନାୟକ ସ୍ତ୍ରୀ ତଥା ଛୋଟ ଝିଅ କୁ ଦୃଷ୍ଟି ରେ ରଖି ପୋଲିସ ଦମନ ରୁ

ଲୁଚିଲେ ଭାବରେ ଶ୍ରୀ ନାୟକ ନିଜ ପ୍ରାରମ୍ଭିକ ରାଜନୀତି ରେ ସଫଳ ହେଲେ ପରେ ( ଗଣତାନ୍ତ୍ରିକ ଅଣବନ୍ଦୀ ସେନାନୀ) ଉଣେଇଶ ସତସ୍ତୋରୀ ମସିହା ରେ ଜନତା ପାର୍ଟି ରୁ ପ୍ରସନ୍ନ ପଟନାୟକ କାମାକ୍ଷାନଗର ରୁ ବିଧାୟକ ନିର୍ବାଚିତ ହେଲେ ପରେ ଉଣେଇଶ ଅଶୀ ମସିହା ରେ କେନ୍ଦ୍ର ରେ ଜନତା ପାର୍ଟି ସରକାର ର଼େ ପ୍ରଧାନମନ୍ତ୍ରୀ ମୋରାରାଜୀ ଦେଶାଇ ଙ୍କ ମନ୍ତ୍ରମଣ୍ଡଳ ରେ କେନ୍ଦ୍ର ବୈଦେଶିକ ମନ୍ତ୍ରୀ ଶ୍ରୀ ଅଟଳବିହାରୀ ବାଜପାୟୀ ଙ୍କ ନେତୃତ୍ଵ ରେ ଭାରତୀୟ ଜନସଂଘ ରୁ ରୂପାନ୍ତରିତ ଜନତା ପାର୍ଟି ର ମିଶ୍ରଣ ଭାରତୀୟ ଜନତା ପାର୍ଟି ଗଠନ ହୋଇ ବାଜପାୟୀ ପ୍ରତିଷ୍ଠାତା ରାଷ୍ଟ୍ରୀୟ ସଭାପତି ତଥା (ବିଜେପି) ଲାଲକୃଷ୍ଣ ଆଡ଼ଭାନୀ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଭାବରେ ନିର୍ବାଚିତ ହୋଇ କାର୍ଯ୍ୟ କରିଲେ, ବିଧାୟକ ଶ୍ରୀ ପ୍ରସନ୍ନ ପଟନାୟକ ଙ୍କ ନେତୃତ୍ଵ ରେ ଶ୍ରୀ ନାୟକ ଓ କିଛି ବନ୍ଧୁ ବିଜେପି ରେ ଯୋଗଦାନ କରିଲେ, ଶ୍ରୀ ନାୟକ ଭୁବନ ଏନଏସି ବିଜେପି ମଣ୍ଡଳ ର ପ୍ରତିଷ୍ଠାତା ଉପସଭାପତି ହେଲେ ସଭାପତି ହେଲେ ବୁଲା ବେହେରା ପରେ ଉଣେଇଶ ଚଉରାଅଶୀ ମସିହା ରେ ଲାଲକୃଷ୍ଣ ଆଡ଼ଭାନୀ ଙ୍କ ଭୁବନ ବସଷ୍ଟାଣ୍ଡ ରେ ଜନସଭା ରେ ଶ୍ରୀ ନାୟକ ସଭାପତି ତ୍ଵ କରିଥିଲେ, ପରେ ତିନିଥର ଭୁବନ ଏନଏସି ମଣ୍ଡଳ ସଭାପତି, ଦୁଇ ଥର ବିଜେପି ଢେଙ୍କାନାଳ ଜିଲ୍ଲା ର ଜିଲ୍ଲା ଉପସଭାପତି କାର୍ଯ୍ୟ କରିଥିଲେ (ରୁଦ୍ର ପାଣି ଜିଲ୍ଲା ସଭାପତି ଥିଲେ) ।

ତାଙ୍କ ସଭାପତି ତ୍ଵ ରେ ଭୁବନ ର ପ୍ରଥମ ନଗରପାଳ ହରିହର ମିଶ୍ର ଉଣେଇଶ ବୟାନବେ ମସିହା ରେ ଓଡିଶା ପୌର ନିର୍ବାଚନ ରେ ଶ୍ରୀ ମିଶ୍ର ବିଜେପି ରୁ ସିଧାସଳଖ ନଗରପାଳ ପ୍ରାଥୀ ହେବା ସହିତ ଶ୍ରୀ ନାୟକ ଙ୍କ ସମେତ ଅନେକ କାଉନସିଲର ପ୍ରାଥୀ ହୋଇ ହାରିଥିଲେ, ଦୁଇ ହଜାର ଦୁଇ ମସିହା ରେ ବିଜେପି ରାଜ୍ୟସଭା ଏମପି ରୁଦ୍ରନାରାୟଣ ପାଣି ଙ୍କ ନୋମିନୀ ଭାବରେ ଭୁବନ ଏନଏସି ର ପ୍ରଥମ ମନୋନୀତ କାଉନସିଲର ଭାବରେ କାର୍ଯ୍ୟ କରିଲେ, ବିଜେପି ଓ ବିଜୁ ଜନତା ଦଳ ମେଣ୍ଟ ରେ (ବିଜେଡି) ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀ ଙ୍କ ସରକାର ରେ ଢେଙ୍କାନାଳ ଲୋକସଭା ରୁ ବିଜେଡି ଏମପି ତଥାଗତ ଶତପଥି ଙ୍କ ନୋମିନୀ ଭାବରେ ଉଚ୍ଚ ଶିକ୍ଷାନୁଷ୍ଠାନ ଭୁବନ ବାଜି ରାଉତ ମେମୋରିଆଲ କଲେଜ ଗଭର୍ଣ୍ଣି ବଡି ମେମ୍ବର ଭାବରେ କାର୍ଯ୍ୟ କରିଥିଲେ ।

ଭୁବନ ପୌର ନିର୍ବାଚନ, କାମାକ୍ଷାନଗର ବିଧାନସଭା ନିର୍ବାଚନ, ଢେଙ୍କାନାଳ ଲୋକସଭା ନିର୍ବାଚନ ରେ ବିଜେପି ପ୍ରାଥୀ ଙ୍କ ପାଇଁ ଶ୍ରୀ ନାୟକ ଙ୍କ କାର୍ଯ୍ୟ ସର୍ବଦା ସ୍ମରଣୀୟ, ତତ କାଳୀନ ବିଜେପି ରାଷ୍ଟ୍ରୀୟ ସଭାପତି ଶ୍ରୀ ରାଜନାଥ ସିଂହ ଙ୍କ ପ୍ରେରଣା ଦାୟୀ ଚିଠି ଶ୍ରୀ ନାୟକ ଙ୍କ ରାଜନୈତିକ ଜୀବନ କୁ ଏକ ସ୍ଵୀକୃତି, ଦୀର୍ଘ ପଚାଶ ବର୍ଷ ର ରାଜନୈତିକ ଜୀବନ ରୁ ଦୁଇ ହଜାର ଏକୋଇଶୀ ମସିହା ଜାନୁଆରୀ ମାସ ରେ ସ୍ଵେଚ୍ଛାକୃତ ଅବସର ଘୋଷଣା ରାଜନୈତିକ ମହଲ ରେ ଆଲୋଡନ ସହିତ ଯୁବ ପିଢ଼ି ରାଜନୀତି ରେ ପ୍ରବେଶ ପାଇଁ ମାର୍ଗଦର୍ଶକ ସାଜିଲେ ।
ଜଣେ ସମାଜସେବୀ ଭାବରେ ରାମଚନ୍ଦ୍ର ନାୟକ ଙ୍କ ଭୂମିକା କୁ ଅଣଦେଖା କରାଯାଇ ପାରିବ ନାହିଁ, ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ଜଡିତ ରହି ଭୁବନ ର ବିକାଶ ଦିଗରେ ସେ ନିଜକୁ ସାମିଲ କରିଛନ୍ତି-

ଭୁବନ ର ଐତିହାସିକ ଦଶହରା ବଳଦ ଯାତ୍ରା ଶାନ୍ତି କମିଟି ର ପ୍ରତିଷ୍ଠାତା ସଭ୍ୟ (କାମାକ୍ଷାନଗର ଉପଜିଲ୍ଲାପାଳ ସଭାପତି)

ପର୍ଯ୍ୟଟନ ସ୍ଥଳୀ ବାବା-ବୁଦ୍ଧେଶ୍ଵର ମନ୍ଦିର ଟ୍ରଷ୍ଟି ସଭ୍ୟ

ବାଜି ରାଉତ ମେମୋରିଆଲ କଲେଜ ଗଭର୍ଣ୍ଣି ବଡି ସଭ୍ୟ (ଢେଙ୍କାନାଳ ସାଂସଦ ତଥାଗତ ଶତପଥି ଙ୍କ ନୋମିନୀ)

ଉପସଭାପତିବଡ଼ହାଟ ମଉଡମଣୀ ମହାଲକ୍ଷ୍ମୀ କମିଟି -,ଭୁବନ

ସଭାପତିଭୁବନ କାରିଗର ବହୁମୁଖୀ ଶିଳ୍ପ ସମବାୟ ସମିତି ଲିଃ-

ଭୁବନ ବରିଷ୍ଠ ନାଗରିକ କମିଟି ସଭ୍ୟ

ଆଦି ବିଭିନ୍ନ ସାମାଜିକ ଅନୁଷ୍ଠାନ ରେ କାର୍ଯ୍ୟ କରି ମାନବ ସମାଜ ର ସେବାରେ ନିୟୋଜିତ ରହିଛନ୍ତି ।

ଡ଼କ୍ଟର ସୁବାଷ ନାୟକ ଙ୍କ ଦ୍ଵାରା ଏକ ପୁସ୍ତକ ରଚନା ରେ ବାପା (ଜୀବନୀ) " ଏକ ଅମ୍ଳାନ ପ୍ରତିଭା -ରାମଚନ୍ଦ୍ର ନାୟକ " କୁ ବିଷାଦ ଭାବରେ ବର୍ଣ୍ଣନା କରିଛନ୍ତି (ଶିଳ୍ପୀ କଳା) ରାମଚନ୍ଦ୍ର ଙ୍କ ଜୀବନୀ ତଥା ସୃଜନୀ, ଏ ପୁସ୍ତକ ଟି ପାଠକୀୟ ଆଦୃତି ଲାଭ କରିବା ସହିତ ବିଶିଷ୍ଟ ବୈଜ୍ଞାନିକ ଭାରତରତ୍ନ ପ୍ରଫେସର ସି ଏନ ଆର ରାଓ ଙ୍କୁ ଅର୍ପଣ ସହିତ ଉଚ୍ଚ ପ୍ରସଂଶା କରିଛନ୍ତି ।

ସୁବାଷ ଙ୍କ ଜନ୍ମଦାତ୍ରୀ ମା ଭାରତୀ ଦେବୀ ରାମଚନ୍ଦ୍ର ଙ୍କ ଧର୍ମପତ୍ନୀ ଭାବରେ ନିଜକୁ ଗୌରବ ମନେ କରନ୍ତି, ଶ୍ରୀରାମ ପରିବାର କୁ ସୁଖକର କରି ଚଳାଇବାରେ ଭାରତୀ ଦେବୀ ଙ୍କ ଭୂମିକା କୁ ଅଣଦେଖା କରାଯାଇ ପାରିବ ନାହିଁ, ଏକ ମାତ୍ର ଝିଅ ଜୟନ୍ତୀ, ତିନି ପୁଅସୁବାଷ -, ପ୍ରକାଶ, ମାନସ କୁ ବଢ଼େଇ, ଶିକ୍ଷା ଦେଇ ପିଲା ମାନ ଙ୍କୁ ସମାଜ ରେ ପରିଚିତ କରାଇବା ଦିଗରେ ଭାରତୀ ଦେବୀ ଙ୍କ ଏକ ବଡ଼ ଅବଦାନ ଅଛି, ଏହି କାର୍ଯ୍ୟ ପାଇଁ ସେ ଚୀର ବନ୍ଦନୀୟା ।

ସୁବାଷ ଙ୍କ ଦ୍ଵାରା ଏକ ପୁସ୍ତକ ନାରୀ କ "ଏକ ଆଲୋକ ବର୍ତ୍ତିକା-ଭାରତୀ ଦେବୀ"ୈନ୍ଦ୍ରିକ ଉପନ୍ୟାସ ରେ ମା ଙ୍କ ଜୀବନୀ ଓ କର୍ମ ପ୍ରେରଣା କୁ ସଚରାଚରେ ଜଣେ ପୁଅ ଭାବରେ ଲେଖିବା କିଛି ଛୋଟ କଥା ନୁହେଁ, ଏହି ପୁସ୍ତକ ଟି ଓଡ଼ିଆ ସାହିତ୍ୟ ର ଏକ ଅମୂଲ୍ୟ ପୁସ୍ତକ, ପାଠକୀୟ ଆଦୃତି ଲାଭ କରିବା ସହିତ ଓଡ଼ିଆ ଝିଅ ଭାରତ ର ମହାମହିମ ରାଷ୍ଟ୍ରପତି ଡ଼କ୍ଟର ଦ୍ରୌପଦୀ ମୁର୍ମୁ ଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ତାଙ୍କ ହସ୍ତ ରେ ଅର୍ପଣ ପୂର୍ବକ ମା ଙ୍କ ଜୀବନ ଦର୍ଶନ ପୁସ୍ତକ ଲେଖିଥିବାରୁ ସୁବାଷ ଙ୍କୁ ମହାମହିମ ଙ୍କ ଧନ୍ୟବାଦ ଅର୍ପଣ ଏକ ସ୍ମରଣୀୟ ଘଟଣା ।

ସୁବାଷ ଙ୍କ ଅନନ୍ୟ କୃତି ଏକ ସାମାଜିକ ନାଟକ ପୁସ୍ତକ "ଅସ୍ତମିତ ସୂର୍ଯ୍ୟ ବାବାଜୀ", ନାଟ୍ୟକାର ସୁବାଷ ନିଜ ଜେଜେବାପା ବାବାଜୀ ନାୟକ ଙ୍କ ଜୀବନୀ ଓ କର୍ମ ସାଧନା କୁ ଏକ ସାମାଜିକ ନାଟକ ରେ ରୂପାନ୍ତରିତ କରିଛନ୍ତି, ବାବାଜୀ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ, ମାତ୍ର ଜୀବନ ର ଅଧା ବର୍ଷ ରେ ଏକ ଦୁରାଗ୍ରସ୍ତ ରୋଗଦ୍ଵାରା ଅକାଳ ରେ ଜୀବନ ଦୀପ ଲିଭି ଯିବା, ପତ୍ନୀ ଭୁତି ଦେବୀ, ଏକ ମାତ୍ର କନ୍ୟା ବେଙ୍ଗୁଲୀ, ଚାରି ପୁଅଦୁଃଶାସନ -, ଭିମସେନ, ରାମଚନ୍ଦ୍ର, ଭାଗବତ ଙ୍କୁ ସଂସାର ରୂପକ ଅଧା ବାଟରେ ଛାଡି, ନିଜର ପରିଶ୍ରମ ବଳରେ ସମସ୍ତେ ଏ ସମାଜ ରେ ପ୍ରତିଷ୍ଠିତ ହୋଇ ନିଜ ନିଜ ର ପିଲା ମାନଙ୍କୁ ଉଚିତ ଶିକ୍ଷା ଦେଇ ମଣିଷ କରିଛନ୍ତି ।

ଶ୍ରୀରାମ ପରିବାର-
ଭୁବନ ସହର ର ଏକ ଚର୍ଚ୍ଚିତ ପରିବାର ଶ୍ରୀରାମ ପରିବାର, ରାମଚନ୍ଦ୍ର ନାୟକ, ପତ୍ନୀ ଭାରତୀ ଦେବୀ, ଏକମାତ୍ର ଝିଅ ଜୟନ୍ତୀ, ତିନି ପୁଅ ସୁବାଷ, ପ୍ରକାଶ, ମାନସ କୁ ନେଇ ଶ୍ରୀରାମ ପରିବାର, ଶିକ୍ଷା, ସଂସ୍କୃତି ଦିଗରେ ଏକ ପରିଚୟ ପରିବାର ।

ଝିଅ ଜୟନ୍ତୀ-
ବାପା, ମା ଙ୍କ ପ୍ରଥମ ଗର୍ଭ କୁ କନ୍ୟା ସନ୍ତାନ ଜୟନ୍ତୀ, ବାପା ଓ ମା ଙ୍କ ଶ୍ରୀବୃଦ୍ଧି ରେ ସହାୟକ ହୋଇ ପାରିଥିଲା, ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ଵବିଦ୍ୟାଳୟ ଶିକ୍ଷା ସହିତ ଓଡ଼ିଆ ସାହିତ୍ୟ ର ଲେଖିକା ଭାବରେ ଓଡିଶା (ବିଏ) ରେ ଅଣ୍ଡର ଗ୍ରାଜୁଏଟ (ଇଗନୁ) ଲେଖିକା ସଂସଦ ର ଆଜୀବନ ସଭ୍ୟା, ଉତ୍କଳ ସାହିତ୍ୟ ସମାଜର ଆଜୀବନ ସଭ୍ୟା,ବିଶିଷ୍ଟ ଲେଖିକା ନନ୍ଦିନୀ ଶତପଥି ଙ୍କ ସାହିତ୍ୟ କୃତି କୁ ବାଖ୍ୟା କରି ତାଙ୍କ ସାହିତ୍ୟ ସୃଷ୍ଟି ରେ ନିପୁଣା, ଢେଙ୍କାନାଳ ଜିଲ୍ଲା ସଂସ୍କୃତି ପରିଷଦ ରୁ ସମ୍ବର୍ଦ୍ଧିତା, ଓଡିଶା ର ପ୍ରସିଦ୍ଧ ଦୋଳ ମେଳଣ ଓଳକଣା ନିବାସୀ ସରକାରୀ କର୍ମଚାରୀ ନନ୍ଦକିଶୋର ଲେଙ୍କା ଙ୍କ ମାଧ୍ଯମ ପୁତ୍ର ମହେନ୍ଦ୍ର କୁମାର ଲେଙ୍କା ଙ୍କ ଧର୍ମପତ୍ନୀ ।

ଦୁଇ କନ୍ୟା ରାଜେଶ୍ୱରୀ ଲେଙ୍କା ଇଂରାଜୀ ଅନର୍ସ ର (ଲିସା) ବିଏ ଛାତ୍ରୀ ତଥା ବ୍ରଜେଶ୍ବରୀ ଲେଙ୍କା ଉଚ୍ଚ ମାଧ୍ୟମିକ (ଇଶା) ଛାତ୍ରୀ ଭାବରେ ଅଧ୍ୟୟନ ର (ଦୁଇ+)ତା, ଜୟନ୍ତୀ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଏଣ୍ଡର ଗ୍ରାମ ପଞ୍ଚାୟତ ର ନିର୍ବାଚିତ ୱାର୍ଡ ମେମ୍ବର (ଦୁଇ ଦୁଇ ଥର),ମହେନ୍ଦ୍ର ଏକ ବେସରକାରୀ କମ୍ପାନୀ ରେ ସୁପର ଭାଇଯର ଭାବରେ କାର୍ଯ୍ୟରତ ।

ମାଧ୍ୟମ ପୁଅପ୍ରକାଶ-

ପ୍ରକାଶ ଉତ୍କଳ ବିଶ୍ୱବିଦ୍ୟାଳୟ ରୁ ବିଏ ଡ଼ିଗ୍ରୀ ସହିତ ଢେଙ୍କାନାଳ ଆଇନ କଲେଜ ରୁ ଲ ଡ଼ିଗ୍ରୀ ଧରି ଜଣେ ଆଡ଼ଭୋକେଟ ଭାବରେ ଭୁବନ ଜୁଡ଼ିସିଆଲ କୋର୍ଟ ରେ କାର୍ଯ୍ୟରତ ସହିତ ଭୁବନ ଓକିଲ ସଙ୍ଘ ର ନିର୍ବାଚିତ ସମ୍ପାଦକ ଭାବରେ କାର୍ଯ୍ୟ କରୁଛନ୍ତି, ଅନେକ ଗରିବ ଙ୍କୁ ଆଇନ କ୍ଷେତ୍ର ସାହାଯ୍ୟ କରିବା ସହିତ ଓଡିଶା ସରକାର ଙ୍କ ଲିଗାଲ କାଉନସିଲର ଭାବରେ ଭୁବନ ଜୁଡ଼ିସିଆଲ କୋର୍ଟ ରେ କାର୍ଯ୍ୟ କରିଛନ୍ତି ।

ପ୍ରକାଶ ବାଲେଶ୍ୱର ସହର ରେ ଏକ ପରିଚିତ ପରିବାର ରେ ବିବାହ କରିଛନ୍ତି, ଧର୍ମପତ୍ନୀ ସୁପ୍ରଭା ଟାଲଡୀ ବିଏ), ବିଏଡ଼ଓଡିଶା ( ସରକାର ଙ୍କ ସରକାରୀ ପ୍ରାଥମିକ ସ୍କୁଲ ରେ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟରତ, ଏକ ମାତ୍ର ପୁଅ ଅଂଶୁମାନ ନାୟକ ଏକ (ରାଜା) ବେସରକାରୀ ସ୍କୁଲ ରେ ତୃତୀୟ ଶ୍ରେଣୀ ରେ ଅଧ୍ୟୟନରତ ।

ସାନପୁଅ ମାନସ-

ମାନସ ଉତ୍କଳ ବିଶ୍ୱବିଦ୍ୟାଳୟ ରୁ ଇଂରାଜୀ ସାହିତ୍ୟରେ ଏମଏ ଡ଼ିଗ୍ରୀ ସହିତ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୁ ( ରୁ ବିଏଡ଼ ଡ଼ିଗ୍ରୀ ଧରି ଓଡିଶା ସରକାର ଙ୍କ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଶିକ୍ଷକ ଭାବରେ କାର୍ଯ୍ୟରତ, "ଗୀତା ମେହେଟାପୁସ୍ତକ ର ଲ "ଏକ ଅନ୍ତଜାତୀୟ ଲେଖିକା -େଖିକା, ନବୀନ ପଟନାୟକ ଙ୍କ ସାରସ୍ୱତ କୃତି ଉପରେ ଇଂରାଜୀ ଭାଷା ରେ ଗବେଷଣା କରି ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ, ବାରିପଦା ରୁ ପିଏଚଡ଼ିଗ୍ରୀ ପ୍ରାପ୍ତ .ଡ଼ି. ।

ଜଣେ ଅଭିଜ୍ଞ ଇଂରାଜୀ ଶିକ୍ଷକ ଭାବରେ ମାନସ ର ସୁଖ୍ୟାତି ରହିଅଛି, ଢେଙ୍କାନାଳ ଜିଲ୍ଲା ରସୋଳ ରେ ଏକ ପରିଚିତ ପରିବାର ରେ ତାଙ୍କ ବିବାହ, ଧର୍ମପତ୍ନୀ ଶିବାନୀ ସାହୁ ଡ଼ିଗ୍ରୀ ଧାରି (ବିଏସସି ସହିତ ସିଟି), ଘରୋଇ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ ରତ, ଏକ ମାତ୍ର ପୁଅ ଜ୍ୟୋତିରାଦିତ୍ୟ ଏକ ଘରୋଇ ବେସରକାରୀ ସ୍କୁଲ ରେ ପ୍ରଥମ ଶ୍ରେଣୀ ଛାତ୍ର (ଆଦି) ।

ସୁବାଷ ଙ୍କ ସାଧାରଣ ପରିଚୟ-

ଭୁବନ ର ଅନ୍ୟତମ ପ୍ରତିଷ୍ଠିତ ଶ୍ରୀରାମ ପରିବାର ରେ ସୁବାଷ ଙ୍କ ଜନ୍ମ, ବାପା ରାମଚନ୍ଦ୍ର ନାୟକ ଓ ମା ଭାରତୀ ଦେବୀ ଦ୍ୱିତୀୟ ସନ୍ତାନ ଭାବରେ ଭୂମିଷ୍ଠ ହୋଇ ଥିଲେ ଏପ୍ରିଲ ଚଉଦ ଉଣେଇଶ ସତସ୍ତୋରୀ ମସିହା ରେ, ସେ ଦିନର ଏ ଶିଶୁ ଟି ଦିନେ ଓଡ଼ିଆ ଜାତି ର ଗୌରବ ବୃଦ୍ଧି କରିବ କିଏ ବା ଜାଣି ଥିଲା ।

ବିଗତ ବର୍ଷ ଗୁଡିକ ରେ ଶିକ୍ଷା ର ପ୍ରାରମ୍ଭ ପୂର୍ବରୁ ଚାଟଶାଳୀ ପାଠ ପଢା ଯାଉଥିଲା,ସୁବାଷ ସେ ପ୍ରାକ ପ୍ରାଥମିକ ଶିକ୍ଷା ବାସୁଦେବ ବେହେରା ରେ ପାଠ ପଢା ଆରମ୍ଭ କରି ଦୁଇ ବର୍ଷ ପର (ବୁଲା ଚାଟଶାଳୀ)େ ନିକଟସ୍ଥ ବଡ଼ହାଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ପ୍ରଥମ ଶ୍ରେଣୀ ରୁ ସପ୍ତମ ଶ୍ରେଣୀ ପାଠ ପଢିଲେ ପରେ ଭୁବନ ହାଇସ୍କୁଲ ରେ ଅଷ୍ଟମ ଶ୍ରେଣୀ ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢି ଉଚ୍ଚ ଶିକ୍ଷା ପାଇଁ ନିକଟ ଭୁବନ ରେ ବାଜି ରାଉତ ମେମୋରିଆଲ କଲେଜ ରୁ ବିଏ ଡ଼ିଗ୍ରୀ ପରେ ଘରୋଇ ଭାବରେ ଓଡ଼ିଆ ସାହିତ୍ୟ ରେ ଏମଏ ଡ଼ିଗ୍ରୀ ଧରିଲେ,ଉଚ୍ଚ ଶିକ୍ଷା ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ରୁ ଓଡ଼ିଆ ସାହିତ୍ୟ " ଡ଼ି.ପ୍ରସଙ୍ଗ ରେ ଗବେଷଣା କରି ପିଏଚ " କୁ ନନ୍ଦିନୀ ଶତପଥି ଙ୍କ ଅବାଦନ ଉପାଧି ପାଇଲେ, କର୍ମମୟ ଜୀବନ ରେ ଢେଙ୍କାନାଳ ବିଦ୍ୟାର୍ଥୀ ରେସିଡେଣ୍ଟାଲ କଲେଜ ରେ ଓଡ଼ିଆ ସାହିତ୍ୟ ରେ ସ୍ଥାୟୀ ଅଧ୍ୟାପକ ରୁ ଜୀବନ ଆରମ୍ଭ କରିଲେ ।

ଏହି ସମୟରେ ରେ ଐତିହାସିକ କଟକ ସହର ଚାଉଳିଆଗଞ୍ଜ ନିବାସୀ ସୁରେନ୍ଦ୍ର ସାହୁ ଙ୍କ ମଧ୍ୟମା କନ୍ୟା ତୁଳସୀ ସାହୁ ଙ୍କୁ ବିବାହ କରିଥିଲେ ବାର ତାରିଖ ଜୁନ ମାସ ଦୁଇ ହଜାର ପନ୍ଦର ମସିହା ରେ, ତୁଳସୀ ବିଏ ଡ଼ିଗ୍ରୀ ସହିତ ଏକ ବେସରକାରୀ ମେଡିକାଲ ରେ ଆକାଉଣ୍ଟଏସ ସେକସନ ରେ କାର୍ଯ୍ୟ କରୁଥିଲେ, ମାତ୍ର ଅଧ୍ୟାପକ ସୁବାଷ ପତ୍ନୀ ତୁଳସୀ ଙ୍କୁ ଚାକିରୀ ଛାଡି ପରିବାର ସହିତ ଇଂରାଜୀ ସାହିତ୍ୟ ରେ ଉତ୍କଳ ବିଶ୍ୱବିଦ୍ୟାଳୟ ରୁ ଘରୋଇ ଭାବରେ ଏମଏ ଡ଼ିଗ୍ରୀ ଗ୍ରହଣ କରିଲ, ଏବଂ ଇଂରାଜୀ ସାହିତ୍ୟ ରେ ଚାରି ଗୋଟି ପୁସ୍ତକ ସହିତ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ସହିତ ଜଡିତ ଏବଂ ସମ୍ବର୍ଦ୍ଧିତ ହେଲେ ସମାଜ ରେ ଲେଖିକା ଭାବରେ ପରିଚିତ ହେଲେ ଏବଂ ଏକ କନ୍ୟା ସନ୍ତାନ ତେଜସ୍ୱିନୀ ନାୟକ ର ମା ହେଲେ (ଲକି), ସେ ଏକ ଘରୋଇ ବିଦ୍ୟାଳୟ ରେ ତୃତୀୟ ଶ୍ରେଣୀ ଛାତ୍ରୀ ।

ଝିଅ ଜନ୍ମ ପରେ ବାପା ସୁବାଷ ଙ୍କ ଭାଗ୍ୟ ରେ ଏକ ପରିବର୍ତ୍ତନ ଆସିଲା, ଓଡିଶା ର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନ୍ଷ୍ଟିଚ୍ୟୁସନ୍ସ, ଟାଙ୍ଗୀ, କଟକ ର ଟ୍ରେଟ୍ରାହେଡ୍ରନ ଜୁନିୟର କଲେଜ ରେ ଦୁଇ ହଜାର ସତର ମସିହା ଜାନୁଆରୀ ମାସ ସତର ରେ ଓଡ଼ିଆ ଅଧ୍ୟାପକ ଭାବରେ ସ୍ଥାୟୀ ଭାବରେ ନିଯୁକ୍ତି ଯୋଗଦାନ କରିଲେ, ପରେ ଏହି ଅନୁଷ୍ଠାନ ର ନୂତନ ଭାବରେ ଗଠିତ ତ୍ରିଦେବ ଡ଼ିଗ୍ରୀ କଲେଜ ଉତ୍କଳ ବି)ଶ୍ୱବିଦ୍ୟାଳୟଓଡ଼ିଆ ସାହିତ୍ୟ ର ଆସିଷ୍ଟାଣ୍ଟ ପ୍ରଫେସର ସହିତ କଲେଜ ର (ଅନୁମୋଦିତ- ଭାଇସ ପ୍ରିନସିପାଲ ଓ ପରେ ପ୍ରିନସିପାଲ ପଦବୀ ରେ କାର୍ଯ୍ୟ କରି ଜଣେ ଦକ୍ଷ ଶିକ୍ଷା ପ୍ରଶାସକ ଭାବରେ ସୁନାମ ଅର୍ଜନ କରିଲେ ।

ଏହି ସମୟରେ ସୁବାଷ ତାଙ୍କ ସାହିତ୍ୟିକ ପ୍ରତିଭା କୁ ବିକଶିତ କରିବା ସହିତ ଗବେଷଣା କୁ ଗୁରୁତ୍ୱ ଦେଲେ, କୋଡିଏ ଗୋଟି ପୁସ୍ତକ ରଚନା କରି ଓଡ଼ିଆ ସାହିତ୍ୟ କୁ ବଳିଷ୍ଠ କରିବା ଦିଗରେ ସହାୟକ ହୋଇଛନ୍ତି ।

ପୁନଶ୍ଚ ଏହି ସମୟରେ ଏକ ସୁଯୋଗ ସୁବାଷ ଙ୍କୁ ଆଣି ଦେଇ ଥିଲେ ଅନନ୍ୟ ପରିଚୟ, ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ର ଅନୁମୋଦିତ ବିଆରଏମ କଲେଜ, ଭୁବନ ରେ ପ୍ରିନସିପାଲ ଙ୍କ ସୁପାରିଶ କ୍ରମ ଆସିଷ୍ଟାଣ୍ଟ ପ୍ରଫେସର ଭାବରେ କାର୍ଯ୍ୟ କରି ଓଡ଼ିଆ ସାହିତ୍ୟ ର ସ୍ନାତକ ଓ ସ୍ନାତୋକତ୍ତର ଶିକ୍ଷାର୍ଥୀ ଙ୍କୁ ଶିକ୍ଷାଦାନ କଲେ (ଏମଏ) ।

ଓଡ଼ିଆ ସାହିତ୍ୟ ର ବିକାଶ ପାଇଁ ଗବେଷଣା ମାଧ୍ୟମ ଉନ୍ନତ ତର, ଯୋଉଁ ସାହିତ୍ୟ ଗବେଷଣା ଯେତେ ଉନ୍ନତ ସେ ସାହିତ୍ୟ ସେତେ ବିକଶିତ, ଏ ଦିଗରେ ଡ଼କ୍ଟର ନାୟକ ଙ୍କ ଅନେକ ଗବେଷଣା ପତ୍ର ଜାତୀୟ ତଥା ଅନ୍ତର୍ଜାତୀୟ ପତ୍ରିକା ରେ ପ୍ରକାଶିତ ହୋଇ ପାଠକୀୟ ଆଦୃତ୍ତି ଲାଭ କରିଅଛି ।

ଅଧ୍ୟାପକ ଡ଼କ୍ଟର ସୁବାଷ ନାୟକ ଭାରତ ସରକାର ଙ୍କ ଜାତୀୟ ଶିକ୍ଷା ନୀତି 2020 ରେ ବିଭିନ୍ନ ପ୍ରସଙ୍ଗ ରେ ଅନେକ ସଂଗଠନ ପକ୍ଷରୁ ଜାତୀୟ ଓ ଅନ୍ତର୍ଜାତୀୟ ସେମିନାର ରେ ନିଜ ର ମତାମତ ବୁଦ୍ଧିଜୀବୀ ଙ୍କ ଗହଣ ରେ ଉପସ୍ଥାପିତ ହୋଇ ପ୍ରଶଂସନୀୟ ହୋଇଛନ୍ତି ।

